## ସଂକ୍ଷେପରେ

### ଶିଶୁଙ୍କ ଆଧାର ସଂଯୋଗ ନେଇ ସ୍ୱତନ୍ତ୍ର ଅଭିଯାନ

ଭଦ୍ରକ, ୨୬।୭(ରବିନାରାୟଣ ଖିଲାର)

ଜନ୍ମରୁ ୫ ବର୍ଷ ଯାଏ ଶିଶୁଙ୍କ ଆଧାର ସଂଯୋଗ ନେଇ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏଥିପାଇଁ ଶିଶୁ ବିକାଶ ଅଧିକାରୀଙ୍କୁ ପ୍ରଶାସନ ପକ୍ଷରୁ ପତ୍ରାଙ୍କ ନଂ. ୪୭୯୪ରେ ବିଶେଷ ଦାୟିତ୍ୱ ଦିଆଯାଇଛି। ଜିଲାର ୭ ବ୍ଲକରେ ଥିବା ୮ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି କରାଯାଇ ଏଥିଲାଗି ସ୍ୱତନ୍ତ୍ର ଶିବିରମାନ ଆୟୋଜନ କରିବାକୁ କୁହାଯାଇଛି। ଉକ୍ତ ଚିଠିରେ ଦର୍ଶାଯାଇଛି ଯେ, ଜିଲାରେ ୫ବର୍ଷ ଯାଏ ଶିଶୁଙ୍କ ଆଧାର ପଞ୍ଜୀକରଣ/ସଂଯୋଗ ପ୍ରକ୍ରିୟା ସ୍ୱଳ୍ପ ସଂଖ୍ୟାରେ ହେଉଛି, ଯାହା କି ଉଦ୍‌ବେଗଜନକ। ସମସ୍ତ ଶିଶୁଙ୍କ ଆଧାର ପଞ୍ଜୀକରଣ ପାଇଁ କ୍ଲଷ୍ଟର ସ୍ତରରେ ସବୁ ଅଙ୍ଗନୱାଡି କେନ୍ଦ୍ରରେ ଶିବିର ଆୟୋଜନ କରାଯିବ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ଙ୍କୁ ଏହି ଅଭିଯାନର ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଏଥିପାଇଁ ଏକ ଖସଡ଼ା ପ୍ରସ୍ତୁତ କରିବାକୁ କୁହାଯାଇଛି। ଏଥିସହ ୭ ବ୍ଲକ ଲାଗି ୧୫ ଅପରେଟରଙ୍କୁ ପ୍ରଶାସନ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ବାସୁଦେବପୁର ବ୍ଲକ ପାଇଁ ୨, ଭଦ୍ରକ ୨, ଭଣ୍ଡାରିପୋଖରୀ ୨, ବନ୍ତ ୨, ଚାନ୍ଦବାଲିର ୨ ପ୍ରକଳ୍ପ କାର୍ଯ୍ୟାଳୟ ପାଇଁ ୪, ଧାମନଗର ଲାଗି ଜଣେ ଓ ତିହିଡ଼ି ବ୍ଲକ ନିମନ୍ତେ ୨ଜଣ ଅପରେଟରଙ୍କୁ ନିୟୋଜିତ କରାଯାଇଛି। ପ୍ରଶାସନ ପକ୍ଷରୁ ଅପରେଟରମାନଙ୍କ ତାଲିକା ସିଡିପିଓମାନଙ୍କୁ ପ୍ରଦାନ କରାଯାଇଛି। ଏଣୁ ଶିବିର ଓ ପଞ୍ଜୀକରଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ରାସ୍ତାରେ ଯୁବକଙ୍କୁ ଆକ୍ରମଣ

ବାସୁଦେବପୁର,୨୬।୭(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ସୁଦର୍ଶନପୁର ପଞ୍ଚାୟତ ମାଛହାଟ ଛକ ନିକଟସ୍ଥ ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ଭଦ୍ରକ ବ୍ଲକ ଅଣ୍ଡେଇପଲ୍ଲି ଗ୍ରାମର ଅକ୍ଷୟ ଦାସ। ସେ ସୁଦର୍ଶନପୁର ଗ୍ରାମରେ ଥିବା ତାଙ୍କ ଭଉଣୀ ଘରକୁ ଏକ ବିବାହ ଉତ୍ସବକୁ ଆସିଥିଲେ। ମାଛହାଟ ଛକଠାରେ ରାସ୍ତାରେ ଛିଡ଼ା ହୋଇଥିବା ବେଳେ ସୁଦର୍ଶନପୁର ଅଞ୍ଚଳର ଜଣେ ଯୁବକ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ତାଙ୍କ ହାତ ଓ ଦେହର ବିଭିନ୍ନ ଅଂଶରେ ଆଘାତ ଲାଗିଛି। ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇନାହିଁ।

## ବୈତରଣୀ ନଦୀପଠା
# ଡାହାଣକୁ ସୁରକ୍ଷା, ବାମକୁ ଉପେକ୍ଷା



ଭଣ୍ଡାରିପୋଖରୀ,୨୬।୭ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସୀମାରେଖାରେ ପ୍ରବାହିତ ବୈତରଣୀ ନଦୀପଠା ସୁରକ୍ଷା ପ୍ରତି ଜଳସମ୍ପଦ ବିଭାଗ ବୈମାତୃକ ମନୋଭାବ ଆପଣେଇଛି। ନଦୀ ଅତଡ଼ା ଧସିବା ଯୋଗୁ ବାମପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକ ଅସୁରକ୍ଷିତ ହୋଇପଡ଼ିଛି। ଡାହାଣ ପାର୍ଶ୍ୱ ଅର୍ଥାତ ଯାଜପୁର ଜିଲାର ବୈତରଣୀ ନଦୀପଠା ପଥରପାକିଂ କରାଯାଇଥିବା ବେଳେ ବାମପାର୍ଶ୍ୱ ଭଣ୍ଡାରିପୋଖରୀ ପଟ ସୁରକ୍ଷାକୁ ବିଭାଗ ଏଡ଼ାଇ ଯାଇଛି। ନଦୀପଠାର ଗୋଟିଏ ପଟ ଅର୍ଥାତ୍ ଡାହାଣପାର୍ଶ୍ୱକୁ ସୁରକ୍ଷା ଦିଆଯାଉଥିବା ବେଳେ ବାମପାର୍ଶ୍ୱକୁ ଉପେକ୍ଷା କରାଯାଇଛି। ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ଉଦାସୀନତା ବିଭାଗୀୟ ବୈମାତୃକ ମନୋଭାବକୁ ସୁହାଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ବୈତରଣୀ ନଦୀର ପ୍ରଖର ଜଳସ୍ରୋତ ଚାପ ମୁଖ୍ୟତଃ ବାମପାର୍ଶ୍ୱ ପ୍ରତି ଅଧିକ ରହିଥାଏ। ବିଶେଷ କରି କଣ୍ଟିଘାଇ ନିକଟରେ ନଦୀ ବାମପାର୍ଶ୍ୱକୁ ତୁଳନାତ୍ମକ ଭାବେ ଅଧିକ କ୍ଷତି କରିଥାଏ। ଏଥିଯୋଗୁ ବାମପାର୍ଶ୍ୱ ଅସୁରକ୍ଷିତ ହୋଇପଡ଼ିଛି। ଏହାଦ୍ୱାରା କ୍ରମାଗତ ଭାବେ ନଦୀର ପ୍ରଖର ଜଳରେ ଅତଡ଼ା ଧସି ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକ ପ୍ରତି ବିପଦ ଆଶଙ୍କା ରହିଛି। ଗତବର୍ଷ ଆସିଥିବା ବନ୍ୟାରେ କଣ୍ଟିଘାଇ ମୁହାଣଠାରୁ ନିମ୍ନକୁ ଅବସ୍ଥିତ ବିନ୍ଧାଣ ମୌଜାର ଅତଡ଼ା ବ୍ୟାପକ ଭାବେ ଧସି ବହୁ ଗଛ ଉପୁଡ଼ି ନଦୀ ଜଳରେ ଭାସିଯାଇଛି। ଗଛଗୁଡିକ ପ୍ରାକୃତିକ ଭାବେ ନଦୀ ଅତଡ଼ାକୁ ସୁରକ୍ଷା ଦେଉଥିଲା। ଏଥିସହ ବାଲିମାଫିଆଙ୍କ ଚୋରା ବାଲି ଉଠାଣ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଶହ ଶହ ବର୍ଷ ଧରି ଏଠାରେ ସୃଷ୍ଟି ହୋଇଥିବା ବାଲି ଅତଡ଼ାକୁ ବାଲିମାଫିଆମାନେ ଲୁଟିନେଇ ଅତିଶୟ ଖାଲ କରି ପକାଇଛନ୍ତି। ଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି। ଡାହାଣପାର୍ଶ୍ୱ ଅପେକ୍ଷା ବାମପାର୍ଶ୍ୱ ଅଧିକ ଖାଲ ଓ ଗଡ଼ାଣିଆ ହୋଇ ଅତଡ଼ା ଧସୁଛି ଓ ଗଛ ଉପୁଡୁଛି। ମାତ୍ର ନଦୀରେ ଅଧିକ ମାତ୍ରାରେ ବନ୍ୟାଜଳ ପ୍ରଖର ବେଗରେ ପ୍ରବାହିତ ହୋଇ ବାମପାର୍ଶ୍ୱକୁ ମାଡ଼ ହେବା ଯୋଗୁ ଡାହାଣ ପାର୍ଶ୍ୱ ସୁରକ୍ଷିତ ରହୁଛି। ହେଲେ ବାମପାର୍ଶ୍ୱ ଅତଡ଼ା ଧସି ଗ୍ରାମ ଆଡ଼କୁ କ୍ରମଶଃ ନଦୀ ବିସ୍ତାରିତ ହେବାରେ ଲାଗିଛି। ଗତ ବନ୍ୟାରେ ପ୍ରାୟ ଶହେ ମିଟର ଲମ୍ବର ଅତଡ଼ା ଧସିଥିଲା। ଏହି ସ୍ଥାନରେ ଥିବା ପ୍ରାୟ ୩୦ଟି ବଡ଼ ଗଛ ଉପୁଡ଼ି ଭାସିଯାଇଥିଲା ବୋଲି ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାଦ୍ୱାରା ନଦୀବନ୍ଧ ଓ ଗ୍ରାମ ପ୍ରତି ବିପଦ ସୃଷ୍ଟି କରିଛି। ଏହି ଅଞ୍ଚଳର ନଦୀଶଯ୍ୟାର ପ୍ରାକୃତିକ ପର୍ଯ୍ୟାବରଣ, ପରିବେଶ ଓ ଗଠନକୁ ବାଲିମାଫିଆମାନେ ବଦଳାଇ ଦେଇଛନ୍ତି। ଡାହାଣପାର୍ଶ୍ୱ ଭଳି ବାମପାର୍ଶ୍ୱକୁ ପଥରପ୍ୟାକିଂ କରି ସୁରକ୍ଷା ଦେବା ଆବଶ୍ୟକ। ଏନେଇ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼ାଇ କହିଛନ୍ତି।

# କାର୍‌ଗିଲ୍ ବିଜୟ ଦିବସ



ଶହୀଦ ନିରଞ୍ଜନ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଚାନ୍ଦବାଲି,୨୬।୭ (କିଷାନ ପାତ୍ର)

କାର୍‌ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଉତ୍ତୁକୁଡ଼ା ପଞ୍ଚାୟତ ପାଙ୍ଗୁଡା ଗ୍ରାମର ନିରଞ୍ଜନ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ଶୁକ୍ରବାର କାର୍‌ଗିଲ୍ ବିଜୟ ଦିବସ ପାଳନ କରାଯାଇଛି। ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ବିଡିଓ ଅସିତ କୁମାର ମହାନ୍ତି, ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଶହୀଦ ସ୍ମୃତି ଓ ସମାଧି ପୀଠରେ ପହଞ୍ଚି ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି କ୍ରାନ୍ତିକାରୀ ଯୁବକ ସଂଘର ସଦସ୍ୟ ବିଳାସ ନାୟକ, ଉଦୟକେତନ ବିଶ୍ୱାଳ, ନୀଳମଣି ବାରିକ, ନିତ୍ୟପ୍ରକାଶ ବେହେରା ପ୍ରମୁଖ ଶହୀଦ ନିରଞ୍ଜନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ୨୫ ବର୍ଷ ହୋଇଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହି ଶହୀଦ ପୀଠର ଉନ୍ନତି ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା କହି ସଂଘର ସଦସ୍ୟମାନେ ଦୁଃଖ ପ୍ରକାଶ କରିବା ସହ ସ୍ମୃତିସ୍ତମ୍ଭରେ ପ୍ରତିମୂର୍ତ୍ତି ସ୍ଥାପନ, ପାର୍କ, ଲାଇବ୍ରେରୀ, ସ୍କୁଲ, ନିର୍ମାଣ ସହ ବ୍ଲକ ଓ ଜିଲାସ୍ତରରେ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବା ପାଇଁ ଦାବି କରିଛନ୍ତି।

# ୬ ମାସ ଗଲାନି, ଧସିଲା ପଥରପ୍ୟାକିଂ

ତିହିଡ଼ି,୨୬।୭ (ସଞ୍ଜିତ ବଳ)

## ମନ୍ତେଇ ସେତୁ ଆପ୍ରୋଚ ରୋଡ୍



ଆପ୍ରୋଚ ରୋଡ୍‌ରୁ ପଥରପ୍ୟାକିଂ ତଳକୁ ଧସିଯାଇଛି।

ଭଦ୍ରକ ଜିଲା ତିହିଡ଼ି ବ୍ଲକର କମାରିଆ–ଦୋହରାସାହି ରାସ୍ତାର ମନ୍ତେଇ ନଦୀ ସେତୁରେ ନିର୍ମିତ ଆପ୍ରୋଚ ରୋଡ୍‌ର ପଥରପ୍ୟାକିଂ ଗୁରୁବାର ଧସିଯାଇଛି। ମାତ୍ର ୬ ମାସ ପୂର୍ବେ ଆପ୍ରୋଚ ରୋଡ୍ ନିର୍ମିତ ହୋଇଥିବା ବେଳେ ପରେ ପରେ ପଥରପ୍ୟାକିଂ କରାଯାଇଥିଲା। ୬ ମାସ ବି ପୂରିନି ପଥରପ୍ୟାକିଂ ଧସିଯିବା ନିମ୍ନମାନର କାର୍ଯ୍ୟକୁ ପ୍ରମାଣିତ କରୁଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ କମାରିଆ–ଦୋହରାସାହି ଭାୟା ଶଙ୍କରପୁର ରାସ୍ତାରେ ମନ୍ତେଇ ନଦୀ ଉପରେ ସେତୁ ନିର୍ମାଣ ହେବାର ଦୀର୍ଘଦିନ ପରେ ଆପ୍ରୋଚ ରୋଡ୍ ନିର୍ମିତ ହୋଇଥିଲା। ପ୍ରଥମେ ମାଟିରେ ରାସ୍ତା ନିର୍ମିତ ହେବା ପରେ ଏହା କଂକ୍ରିଟ ହୋଇଥିଲା। ରାସ୍ତାର ସୁରକ୍ଷା ପାଇଁ ପାର୍ଶ୍ୱରେ ପଥରପ୍ୟାକିଂ କରାଯାଇଥିଲା। ମାତ୍ର ୬ ମାସ ମଧ୍ୟରେ ପଥରପ୍ୟାକିଂ ରାସ୍ତା ତଳକୁ ଧସିଯାଇଛି। ପଥର ସହ ମାଟି ଓ ମୋରମ ଧସି ଯାଇଥିବାରୁ ଏହା ରାସ୍ତା ପ୍ରତି ବିପଦ ସୃଷ୍ଟି କରିବା ଆଶଙ୍କା ଦେଖାଦେଇଛି। ଏବେ ବର୍ଷାଦିନ ହୋଇଥିବାରୁ ଅଧିକ ମାଟି ଧସି ଏହା ସେତୁ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିବାର ଆଶଙ୍କା ଥିବାରୁ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

ଏହି ରାସ୍ତା ପଡ଼ୋଶୀ ବାସୁଦେବପୁର ବ୍ଲକକୁ ସଂଯୋଗ କରୁଥିବାରୁ ସେହି ଅଞ୍ଚଳର ଅଧିବାସୀ ରାସ୍ତା ଦେଇ ତିହିଡ଼ି ଆସିଥାନ୍ତି। ନିମ୍ନମାନର କାର୍ଯ୍ୟ କରିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଥରପ୍ୟାକିଂ ମରାମତି କରିବାକୁ ଦାବି ହୋଇଛି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ଭାରତ ମାତା ଧ୍ୱନିରେ ପ୍ରକମ୍ପିତ ହେଲା ଶହୀଦ ପୀଠ

ଧାମନଗର,୨୬।୭ (ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଶହୀଦନଗରଠାରେ ଅସୁରାଳି ଶହୀଦ ମଣ୍ଡଳ ଭାଜପା ପକ୍ଷରୁ ଶୁକ୍ରବାର କାର୍‌ଗିଲ୍ ବିଜୟ ଦିବସ ପାଳନ କରାଯାଇଛି। ଶହୀଦନଗରସ୍ଥିତ ଲୁଣିଆ ଗୁଳିକାଣ୍ଡର ସ୍ମାରକୀ ପୀଠ ଶହୀଦ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିବା ସହ କାର୍‌ଗିଲ ଯୁଦ୍ଧରେ ଭାରତୀୟ ସେନାର ଅଦମ୍ୟ ସାହସିକତା ଓ ବଳିଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିବା ବେଳେ ଭାରତ ମାତା ଧ୍ୱନିରେ ଶହୀଦ ପୀଠ ପ୍ରକମ୍ପିତ ହୋଇଥିଲା। ସନ୍ଧ୍ୟାରେ ଶହୀଦ ଯବାନଙ୍କ ସ୍ମୃତିରେ ସମୂହ ଦୀପଦାନ କରାଯାଇଥିଲା। ଭଦ୍ରକ ଜିଲା ଭାଜପା ମିଡିଆ ସେଲ୍ ଅଧ୍ୟକ୍ଷ ବୈକୁଣ୍ଠ ନାଥ ସାହୁଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ମନୋରଞ୍ଜନ ମଲ୍ଲିକ, ବାଲେଶ୍ୱର–ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ରଘୁନାଥ ଲେଙ୍କା, ସରପଞ୍ଚ ସରୋଜ ସ୍ୱାଇଁ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ସାହୁ, ହୃଷୀକେଶ ରାଉତ, ତୁଷାରକାନ୍ତ ମିଶ୍ର, ରଜତ ଲେଙ୍କା, ରାଜୀବ ନାୟକ, ବୁଦ୍ଧିରାମ ସାହୁ, ଦେବାଶିଷ ନାୟକ, ସନ୍ତୋଷ ନାୟକ, ଗଙ୍ଗାଧର ପାଣିଗ୍ରାହୀ, ରମେଶ ନାୟକ, ମଧୁସୂଦନ ଜେନା, ପ୍ରଶାନ୍ତ ପତି, ସୁବାସ ନାୟକ, ବୈଲୋଚନ ମଲ୍ଲିକ, ଆଲୋକ ବସନ୍ତିଆ, ଶିବ ମୁଦୁଲି, ପ୍ରଶାନ୍ତ ପତି, ପ୍ରବୋଧ ନାୟକ, ରବି ପଣ୍ଡା, ସୁଧାକର ସାହୁ, ସନ୍ଧ୍ୟାରାଣୀ ଜେନା, ତପନ ମିଶ୍ର ପ୍ରମୁଖ ଏଥିରେ ସାମିଲ ଥିଲେ। ଭାଜପାର ଶହୀଦ ମଣ୍ଡଳ ସଭାପତି ଅଜୟ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍‌ଗିଲ୍ ବିଜୟର ୨୫ ବର୍ଷ ପୂର୍ତ୍ତି ଉତ୍ସବ



ସଭାରେ ଉପସ୍ଥିତ ଅତିଥିମାନେ।

ବାସୁଦେବପୁର,୨୬।୭ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ନିଉଇଣ୍ଡିଆ ସାହି ସ୍କୁଲ ପରିସରରେ ଅବସରପ୍ରାପ୍ତ ସୈନିକ କଲ୍ୟାଣ ସଂଘ ପକ୍ଷରୁ କାର୍‌ଗିଲ୍ ବିଜୟ ଦିବସର ୨୫ବର୍ଷ ପୂର୍ତ୍ତି ଉତ୍ସବ ଶୁକ୍ରବାର ପାଳନ କରାଯାଇଛି। ସମାରୋହରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବାୟୁସେନା ଅଫିସର ତଥା ବିଡିଓ ସଞ୍ଜୀବ କୁମାର ସାହୁ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। କାର୍‌ଗିଲ ଯୁଦ୍ଧକୁ ୨୫ବର୍ଷ ପୂର୍ତ୍ତି ହୋଇଥିବା ବେଳେ ଏହି ଯୁଦ୍ଧରେ ଶହୀଦ ହୋଇଥିବା ସୈନିକ ଓ ଯୁଦ୍ଧରେ ସାମିଲ ହୋଇଥିବା ସୈନିକଙ୍କ ସାହସ, ସେବା ଓ ତ୍ୟାଗର ପଟାନ୍ତର ନାହିଁ। ସୈନିକମାନଙ୍କୁ ସବୁସ୍ତରରୁ ଯଥୋଚିତ ସମ୍ମାନ ମିଳିବା ଆବଶ୍ୟକ ବୋଲି ସେ ମତ ରଖିବା ସହ ଶହୀଦଙ୍କ ପରିବାରକୁ ସରକାରୀ ସ୍ତରରେ ଗୁରୁତ୍ୱ ଦେବା ଉପରେ କହିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ନିରଞ୍ଜନ ବିଶ୍ୱାଳ, ବୈଲୋଚନ ଜେନା, ପୂର୍ବତନ କାଉନସିଲର ମାନସ ରଞ୍ଜନ ସାହୁ ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସୈନିକ ତଥା ଅତିରିକ୍ତ ତହସିଲଦାର ଅଜୟ କୁମାର ସାହୁ ଯୋଗଦେଇ କାର୍‌ଗିଲ୍ ଯୁଦ୍ଧ ବେଳେ ସୈନିକମାନେ ଯେଉଁ ଦେଶଭକ୍ତିର ପରାକାଷ୍ଠା ଦେଖାଇଛନ୍ତିଷ୍, ତାଙ୍କୁ ଦେଶ କେବେ ବି ଭୁଲିପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ସଂଘ ସମ୍ପାଦକ କୈଳାସ ଚନ୍ଦ୍ର ନାଥ ସ୍ୱାଗତ ବକ୍ତବ୍ୟ ରଖିବା ସହ ମଞ୍ଚ ପରିଚାଳନା କରିଥିଲେ। ସଂଘ ସଭାପତି ଶରତ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ପ୍ରଦୀପ କୁମାର ବେହେରା ଅତିଥି ପରିଚୟ ଦେଇଥିଲେ। ଦାମୋଦର ଲେଙ୍କା, ବାବାଜୀ ମହାରଣା, ଭାଗୀରଥି ମହାରଣା, ରତିକାନ୍ତ ପଣ୍ଡା, ପ୍ରଫୁଲ୍ଲ ନାୟକ, ସୁରେନ୍ଦ୍ର ନାଥ ପାତ୍ର, ଗୟାଧର ମାଝୀ, ରମେଶ ଚନ୍ଦ୍ର ଶଙ୍ଖୁଆଙ୍କ ସହ ଅବସରପ୍ରାପ୍ତ ସୈନିକ ଓ ସେମାନଙ୍କ ପରିବାର ସଦସ୍ୟ ଏହି ସଭାରେ ସାମିଲ ହୋଇଥିଲେ। ଏହି ଅବସରରେ ସକାଳେ ପତାକା ଉତ୍ତୋଳନ କରାଯାଇଥିଲା।

# ଆଳୁ, ପିଆଜ ଦୋକାନରେ ଯୋଗାଣ ବିଭାଗର ଯାଞ୍ଚ

ଭଦ୍ରକ, ୨୬।୭ (ସନାତନ ରାଉତ)



ତହସିଲ ରୋଡ୍‌ରେ ଏକ ଆଳୁ ଷ୍ଟୋରରେ ଯୋଗାଣ ବିଭାଗ ସ୍କ୍ୱାଡ୍ ପକ୍ଷରୁ ଯାଞ୍ଚ କରାଯାଉଛି।

ଜିଲା ଯୋଗାଣ ବିଭାଗର ଏକ ସ୍କ୍ୱାଡ୍ ଶୁକ୍ରବାର ସନ୍ଧ୍ୟାରେ ଭଦ୍ରକ ସହର ପରିବା ମାର୍କେଟରେ ଆଳୁ, ପିଆଜର ଅସାଧୁ ବ୍ୟବସାୟ, ଅହେତୁକ ଦର ବୃଦ୍ଧି, ବେନିୟମ ମହଜୁଦ ନେଇ ତନଖି କରିଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ନେତୃତ୍ୱରେ ଗଠିତ ସ୍କ୍ୱାଡ୍ ଅଚାନକ ଉକ୍ତ ମାର୍କେଟରେ ପହଞ୍ଚି ଆଳୁ, ପିଆଜ ଦୋକାନରେ ଯାଞ୍ଚ କରିଥିଲା। ସହରର ନୱା ଟ୍ରେଡର, ମାମାଜୀ ଟ୍ରେଡର, ବିସ୍‌ମିଲ୍ଲା ଖାଁ ଓ ଚରମ୍ପାର ସାହୁ ଟ୍ରେଡରରେ ଯାଞ୍ଚ କରାଯାଇଥିଲା। ନୱା ଟ୍ରେଡର ପାଖରେ ୩୨ ପ୍ୟାକେଟ୍ ଆଳୁ ଓ ସାହୁ ଟ୍ରେଡର ପାଖରେ ୪୦୦ ପ୍ୟାକେଟ୍ ମହଜୁଦ ଥିଲା। ଏହି ଷ୍ଟକ୍ ଖୁଚୁରା ବିକ୍ରେତାଙ୍କୁ ସୂଚାରୁ ରୂପେ ଯୋଗାଇବାକୁ ପରାମର୍ଶ ଦିଆଯାଇଛି। କିଲୋ ପ୍ରତି ଆଳୁର ଦର ହୋଲ୍‌ସେଲରଠାରେ ୩୨ରୁ ୩୪ଟଙ୍କା ଓ ପିଆଜ ଦର ୩୨ରୁ ୩୩ ଟଙ୍କାରେ ବିକିବାକୁ ନିର୍ଦ୍ଦେଶ ଦିଆଯାଇଛି। ବଜାରରେ ପିଆଜ ସମସ୍ତ ହୋଲସେଲରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ରିଟେଲରମାନଙ୍କୁ କ୍ୟାସ୍ ମେମୋ ମାଧ୍ୟମରେ ସାମଗ୍ରୀ ବିକ୍ରୟ କରିବାକୁ ସମସ୍ତ ହୋଲସେଲରଙ୍କୁ ପରାମର୍ଶ ଦିଆଯାଇଛି। ସହକାରୀ ଯୋଗାଣ ଅଧିକାରୀ ଶରତ ବେହେରା, ଭଦ୍ରକ ପୌରପାଳିକା ଯୋଗାଣ ନିରୀକ୍ଷକ ମଧୁସ୍ମିତା ସେନାପତି ଓ ଭଦ୍ରକ ବ୍ଲକ ଯୋଗାଣ ନିରୀକ୍ଷକ ଅଜୟ ଦାସ ସ୍କ୍ୱାଡ୍‌ରେ ସାମିଲ ଥିଲେ।

# ଗଞ୍ଜେଇ ଜବତ, ଜଣେ ଗିରଫ

ଭଦ୍ରକ,୨୬।୭(ସନାତନ ରାଉତ)

ଜିଲା ଅବକାରୀ ବିଭାଗ ପକ୍ଷରୁ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ସାବରଙ୍ଗ ଥାନା ଅଧୀନ ଅଣ୍ଡରେଇ ଛକ ନିକଟରେ ଚଢ଼ାଉ କରିଛି। ସେଠାରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି ଏହି ଟିମ୍। ଜବତ ଗଞ୍ଜେଇର ପରିମାଣ ୨୧.୧୬୦ କିଲୋଗ୍ରାମ୍ ହୋଇଥିବା ବେଳେ ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏଥିରେ ସମ୍ପୃକ୍ତ ଅଣ୍ଡରେଇ ଗ୍ରାମର ଦୀନବନ୍ଧୁ ପାଣିଗ୍ରାହୀଙ୍କୁ ଗିରଫ କରାଯାଇଛି। ଭଦ୍ରକ ଅବକାରୀ ଥାନା ପକ୍ଷରୁ ମାମଲା (ନଂ.୯୩/୨୪–୨୫) ରୁଜୁ ହୋଇଛି। ଏସ୍‌ଆଇ ନଟବର ମଲ୍ଲିକ, ଏଏସ୍‌ଆଇ ରମେଶ ନାୟକ, ଭବେଶ ଦାସ, କନଷ୍ଟେବଲ ଅଜିତ ସିଙ୍ଘ, ଜେମାମଣୀ ଜାମୁଡା, ଶୁଭ୍ରାମିନୀ ଦାସ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ଲକ୍ଷାଧିକ ପ୍ରାଣୀଙ୍କ ଦାୟିତ୍ୱରେ ଜଣେମାତ୍ର ଚିକିତ୍ସାଧିକାରୀ

- ଚିକିତ୍ସାକେନ୍ଦ୍ରରେ ୪୧ରୁ ୨୭ ପଦବୀ ଫାଙ୍କା
- ବିନା ଡାକ୍ତରରେ ଚାଲିଛି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଗାଡ଼ି

ତିହିଡ଼ି,୨୬।୭ (ସଞ୍ଜିତ ବଳ)




ପ୍ରାଣୀ ପାଳନ ପାଇଁ ଲୋକଙ୍କର ଆଗ୍ରହ ବଢ଼ୁଛି। ସରକାରଙ୍କ ପକ୍ଷରୁ ଏଥିପାଇଁ ପ୍ରାଣୀ ପାଳକମାନଙ୍କୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ଯାହାଦ୍ୱାରା ପ୍ରାଣୀଙ୍କ ଅକାଳ ମୃତ୍ୟୁରେ କୌଣସି ପ୍ରାଣୀ ପାଳକଙ୍କୁ କ୍ଷତି ସହିବାକୁ ପଡ଼ିବ ନାହିଁ। ମାତ୍ର ତିହିଡ଼ି ବ୍ଲକରେ ଲକ୍ଷାଧିକ ପ୍ରାଣୀଙ୍କ ଦାୟିତ୍ୱରେ ଜଣେ ମାତ୍ର ଚିକିତ୍ସାଧିକାରୀ ରହିବା ପ୍ରାଣୀ ପାଳକମାନଙ୍କୁ ନିରୁତ୍ସାହିତ କରୁଛି। ଏପରିକି ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ ସହ ବିଭିନ୍ନ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରରେ ମୋଟ ୪୧ଟି ପଦବୀରୁ ୨୭ ପଦବୀ ଫାଙ୍କା ପଡ଼ିବା, ବିନା ଡାକ୍ତରରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଗାଡ଼ି ବୁଲିବା ଚିକିତ୍ସା ସେବାର ଅବନତି ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି।

ତଥ୍ୟ ଅନୁଯାୟୀ, ତିହିଡ଼ି ମଣ୍ଡଳ ଚିକିତ୍ସାଳୟରେ ଜଣେ ଚିକିତ୍ସାଧିକାରୀ ଥିବାବେଳେ ଭିଏସ୍, ଏଭିଏସ୍, ଭିଏସ୍(ଭ୍ରାମ୍ୟମାଣ) ପଦବୀ ଖାଲି ପଡ଼ିଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୮ଟି ପ୍ରାଣୀଧନ ନିରୀକ୍ଷକ(ଏଲ୍‌ଆଇ) କେନ୍ଦ୍ର ରହିଛି। ସେସବୁ କେନ୍ଦ୍ରରେ ୧୮ ଏଲ୍‌ଆଇଙ୍କ ଆବଶ୍ୟକତା ଥିବାବେଳେ ୧୨ଜଣ ଅଛନ୍ତି। ଏଥିପାଇଁ ଜଣେ ଏଲ୍‌ଆଇଙ୍କୁ ୨ଟି କେନ୍ଦ୍ର ଦାୟିତ୍ୱ ଦିଆଯାଇଛି। ଫଳରେ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବା ସେମାନଙ୍କ ପକ୍ଷେ କଷ୍ଟସାଧ୍ୟ ହେଉଛି। ସେହିପରି ୧୯ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଆବଶ୍ୟକ ସ୍ଥଳେ ମାତ୍ର ୩ଜଣ ଅଛନ୍ତି। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଗାଡ଼ିରେ ଜଣେ ଚିକିତ୍ସକ ରହିବା ଜରୁରୀ ହୋଇଥିବା ବେଳେ ଚିକିତ୍ସକଙ୍କ ଅଭାବରୁ ଜଣେ ଆଟେଣ୍ଡାଣ୍ଟ ଗାଡ଼ିରେ ବୁଲୁଛନ୍ତି।

ବ୍ଲକରେ ମୋଟ ୫୫ ହଜାର ଗୋରୁ, ୩୦ ହଜାର ଛେଳି ସମେତ ମୋଟ ୧ ଲକ୍ଷ ୩୮ ହଜାର ଗୃହପାଳିତ ପ୍ରାଣୀ ଥିବା ଚିକିତ୍ସାଧିକାରୀ ଡା. ନିରାକାର ଜେନା ସୂଚନା ଦେଇଛନ୍ତି। ୩୧ ପଞ୍ଚାୟତରେ ଏତେସଂଖ୍ୟକ ଗୃହପାଳିତ ପ୍ରାଣୀଙ୍କ ଦାୟିତ୍ୱ ନେବା ତାଙ୍କ ପାଇଁ କଷ୍ଟସାଧ୍ୟ। ତୁରନ୍ତ ଖାଲି ପଡ଼ିଥିବା ପଦବୀ ପୂରଣ କରାଗଲେ ପ୍ରାଣୀମାନେ ଉପଯୁକ୍ତ ଚିକିତ୍ସା ପାଇପାରିବେ ଏବଂ ପ୍ରାଣୀପାଳନ ଦିଗରେ ଲୋକଙ୍କ ଆଗ୍ରହ ବୃଦ୍ଧି ପାଇବ ବୋଲି ସେ କହିଛନ୍ତି।

# ତହସିଲରେ କର୍ମଚାରୀ ଅଭାବ

- ଜଣେ ଅମିନଙ୍କୁ ନେଇ ଚାଲିଛି ଜମି ଚିହ୍ନଟ ପ୍ରକ୍ରିୟା
- ମାପଚୁପରେ ବିଳମ୍ବ ଯୋଗୁ ବଢ଼ୁଛି ଅସନ୍ତୋଷ

ଧାମନଗର,୨୬।୭ (ସନ୍ତୋଷ କୁମାର ମହାପାତ୍ର)




ଧାମନଗର ତହସିଲଦାରଙ୍କ ଅଫିସ।

ସରକାରୀ ଜମିରୁ ବେଆଇନ ଜବରଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀ ଚଳିତ ମାସ ୭ ତାରିଖରେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥିବା ବେଆଇନ ଜବରଦଖଲ ସବୁ ଉଚ୍ଛେଦ କରାଯାଇ ସରକାରୀ ଜମିକୁ ତାର ବାଡ଼ ସହ ଖୁଣ୍ଟ ପୋତି ଆବଦ୍ଧ କରାଯିବ। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ଧାମନଗର ତହସିଲଦାର ତତ୍ପରତା ପ୍ରକାଶ କରି ତହସିଲ ଅନ୍ତର୍ଗତ ମୋଟ ୧୬ ରେଭିନ୍ୟୁ ସର୍କଲ ଅଧୀନରେ ବିଭିନ୍ନ ଅଞ୍ଚଳର ଜବରଦଖଲକାରୀଙ୍କ କବ୍‌ଜାରେ ଥିବା ସରକାରୀ ଜମିକୁ ଉଚ୍ଛେଦ ଅଭିଯାନ ଆରମ୍ଭ କରିଛନ୍ତି। ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ଉପଯୁକ୍ତ ସମୟରେ ମାପଚୁପ କରି ଜବରଦଖଲ ଉଚ୍ଛେଦ ହୋଇପାରୁ ନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ଏହି ତହସିଲ ଅଧୀନରେ ୩୧ ପଞ୍ଚାୟତ ଓ ଏନ୍‌ଏସି ଅଧୀନରେ ୧୧ ୱାର୍ଡ ରହିଛି। ବର୍ତ୍ତମାନ ତହସିଲ କାର୍ଯ୍ୟାଳୟରେ ତହସିଲଦାରଙ୍କ ସମେତ ମୋଟ ୫୬ଜଣ କର୍ମଚାରୀ ଆବଶ୍ୟକ ଥିବାବେଳେ ୩୪ଜଣ କାର୍ଯ୍ୟରତ ଅଛନ୍ତି। ଠିକ୍ ଭାବେ କାର୍ଯ୍ୟ ତୁଲାଇବାକୁ ହେଲେ ଆହୁରି ୨୨ କର୍ମଚାରୀ ଆବଶ୍ୟକ। ତଥ୍ୟ ଅନୁଯାୟୀ ୨ ଅତିରିକ୍ତ ତହସିଲଦାରଙ୍କ ସ୍ଥାନରେ ଜଣେ ଅଛନ୍ତି। ସହକାରୀ ସିନିଅର ରାଜସ୍ୱ ଅଧିକାରୀ ୬ଜଣ ଆବଶ୍ୟକ ଥିବା ବେଳେ ଅଛନ୍ତି ୫। ସହକାରୀ କନିଷ୍ଠ ରାଜସ୍ୱ ଅଧିକାରୀ ୭ଜଣଙ୍କ ମଧ୍ୟରୁ ୬, ରାଜସ୍ୱ ଇନ୍‌ସପେକ୍ଟର ୧୬ ସ୍ଥାନରେ ୧୨, ସହକାରୀ ରାଜସ୍ୱ ଇନ୍‌ସପେକ୍ଟର ୧୧ ମଧ୍ୟରୁ ୪ ଏବଂ ଅମିନ ୯ଜଣ ଆବଶ୍ୟକ ଥିବାବେଳେ ମାତ୍ର ଜଣେ ଅଛନ୍ତି।

ମୁଖ୍ୟ ସମସ୍ୟା ହେଉଛି ନୂତନ ଭାବେ ଗଠିତ ହୋଇ କାର୍ଯ୍ୟକାରୀ ଏନ୍‌ଏସିରେ ଅନେକ ସରକାରୀ ଜମିରେ ମାପଚୁପ କରାଯାଉଥିବା ବେଳେ ଅମିନ ନ ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ମାପଚୁପ ପାଇଁ ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସରକାରୀ ଜମି ହେଉ ବା ବେସରକାରୀ ଜମି ମାପ କରିବାକୁ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ ଅମିନ ନ ଥିବାରୁ ଠିକ୍ ସମୟରେ ଜମି ଚିହ୍ନଟ ପ୍ରକ୍ରିୟା ହୋଇପାରୁ ନାହିଁ। ଏନେଇ ତହସିଲଦାର ଦୀପକ କୁମାର ଦାସ କର୍ମଚାରୀ ଅଭାବ ନେଇ ଜିଲାପାଳଙ୍କୁ ଅବଗତ କରାଯାଇଥିବା କହିଛନ୍ତି।

## ସଂକ୍ଷେପରେ

### ନୂତନ ଚିକିତ୍ସାଧିକାରୀଙ୍କୁ ସମ୍ବର୍ଦ୍ଧନା

ରାମଚନ୍ଦ୍ରପୁର,୨୬।୭(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଭାବେ ଯୋଗ ଦେଇଥିବା ଡ଼ ରାଜେନ୍ଦ୍ର ମୁର୍ମୁଙ୍କୁ ସାଇଁକୁଳ ଯୁବକ ସଂଘ ସମ୍ବର୍ଦ୍ଧିତ କରିଛି। ଉତ୍ସବରେ ଯୁବକ ସଂଘର ଅବସରପ୍ରାପ୍ତ ସେନା ଅଧିକାରୀ ସନ୍ତୋଷ ସ୍ୱାଇଁ, ଅଜୟ ଚକ୍ର, ଅଶୋକ ଘଡ଼େଇ, ଦଇତାରୀ ବିଶାଳ, ବିଶ୍ୱପ୍ରତାପ ପଟ୍ଟନାୟକ, କାଳିଆ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଡ଼ ରଞ୍ଜୀବ କୁମାର ରାଉତ ଲାଞ୍ଚ ନେବା ଘଟଣାରେ ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ପଦବୀ ଖାଲି ପଡ଼ିଥିଲା। କେନ୍ଦୁଝର ସିଡିଏମଓଙ୍କ ନିର୍ଦ୍ଦେଶରେ ଡ଼. ରାଜେନ୍ଦ୍ର ମୁର୍ମୁ ଚିକିତ୍ସାଅଧିକାରୀ ଭାବେ ଯୋଗଦେଇଥିଲେ।

### ପୁଣି ଚନ୍ଦନଗଛ କାଟିନେଲେ

#### ୪ ମାସରେ ୨ ଗଛ ଚୋରି

କେନ୍ଦୁଝର,୨୬।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୁରୁଣା ସହର ବୈଦରାଜସାହିରୁ ପୁଣି ଏକ ପୁରୁଣା ଚନ୍ଦନ ଗଛ ଦୁର୍ବୃତ୍ତ କାଟି ନେଇଛନ୍ତି। ଦେବ ପଟ୍ଟନାୟକଙ୍କ ବାଡିରୁ ଏହି ଚନ୍ଦନ ଗଛ ଚୋରି ହୋଇଥିବା ବେଳେ ଗତ ମେ ୧୩ରେ ଅନୁରୂପ ଏକ ଚନ୍ଦନ ଗଛ ଚୋରି ହୋଇଥିଲା। ପୂର୍ବ ଘଟଣାରେ ପୋଲିସକୁ ସୂଚିତ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଚଳିତ ଥର ଚୋରିକୁ ନେଇ ସୂଚନା ଦେଇ ନ ଥିବା ଦେବ କହିଛନ୍ତି। ସୂଚନା ଅନୁଯାୟୀ, ଦେବଙ୍କ ବାଡିରେ ପାଖାପାଖି ୧୫ଟି ପୁରୁଣା ଚନ୍ଦନ ଗଛ ରହିଛି। ଏହି ଗଛ କିଣି ନେବା ପାଇଁ ଅନେକ ବ୍ୟବସାୟୀ ଆସିଛନ୍ତି। କିନ୍ତୁ ତାଙ୍କ ପରିବାର ସଦସ୍ୟମାନେ ପରିବେଶପ୍ରେମୀ ହୋଇଥିବାରୁ ଚନ୍ଦନ ଗଛକୁ ବିକ୍ରି କରି ନ ଥିଲେ। ଏଭଳି କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ଚନ୍ଦନ ଗଛକୁ ଚୋରମାନେ ଅଧ ରାତିରେ ଯନ୍ତ୍ର ଚାଳିତ କରତରେ କାଟି ନେଉଛନ୍ତି। କେନ୍ଦୁଝର ପୁରୁଣା ସହରରେ ବହୁ ପୁରୁଣା ଚନ୍ଦନ ଗଛ ଥିବାରୁ ଏହାର ସୁରକ୍ଷା କରିବାକୁ ବରିଷ୍ଠ ନାଗରିକ ମଞ୍ଚର ସଭାପତି ସରୋଜ ରଣା ଦାବି କରିଛନ୍ତି।

### ସଦର ଥାନାରେ ନୂତନ ଅଧିକାରୀ

କେନ୍ଦୁଝର,୨୬।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ଗଜପତି ଜିଲା ବଦଳି ପରେ ତାଙ୍କ ସ୍ଥାନରେ ଭଦ୍ରକ ଥାନା ଅଧିକାରୀ ଅମିତ୍ ଭୂୟାଁ ଯୋଗଦାନ କରିଛନ୍ତି। ସଦର ମହକୁମା ଅଞ୍ଚଳରେ ଶୁଆକାଟି ଓଏମସି ଖଣି ଏବଂ ୩ ଶହରୁ ଊର୍ଦ୍ଧ୍ୱ ଗ୍ରାମ ରହିଛି। ଆଇନ୍‌ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ଭଳି ଅପ୍ରିତିକର କାର୍ଯ୍ୟ ରୋକିବାକୁ ଅଧିକ ଗୁରୁତ୍ୱ ଦେବେ ବୋଲି ନୂତନ ଅଧିକାରୀ କହିଛନ୍ତି।

# ମହିଳାଙ୍କ ଉପରେ ମାଡ଼ିଗଲା ଟ୍ରକ୍



ଦୁର୍ଘଟଣା ପରେ ଆନ୍ଦୋଳନରତ ଲୋକଙ୍କୁ ପ୍ରଶାସନ ବୁଝାଶୁଝା କରୁଛି।

## କ୍ଷତିପୂରଣ ଦାବିରେ ୧୬ ଘଣ୍ଟା ରାସ୍ତା ଅବରୋଧ

ବଡ଼ବିଲ,୨୬।୭(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା ଅନ୍ତର୍ଗତ କେନ୍ଦୁଡ଼ିହିସ୍ଥିତ ୫୨୦ ନଂ. ଜାତୀୟ ରାଜପଥରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଟ୍ରକ୍ ଚାପାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳା ସମ୍ବଲପୁର କୁରୁମିମୁଣ୍ଡା ଅଞ୍ଚଳର ଫୁଲବତୀ ରଣା(୪୮)। ସେ ଏଠାରେ ରହି ଏକ ଖଣି କମ୍ପାନୀରେ କାର୍ଯ୍ୟ କରୁଥିଲେ। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ୧୬ ଘଣ୍ଟା ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ସ୍ଥାନୀୟ ପ୍ରଶାସନ ଓ ଘରୋଇ କମ୍ପାନୀ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଶୁକ୍ରବାର ଅପରାହ୍ନ ସାଢ଼େ ୩ଟା ବେଳେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଫୁଲବତୀ ଏକ ଖଣିର ଅପରେଟର କଲୋନୀ କ୍ୟାଣ୍ଟିନରେ ପାଚିକା ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ରାତି ପ୍ରାୟ ସାଢ଼େ ୯ ଟା ବେଳେ ଜଣେ ସହକର୍ମୀଙ୍କ ସହ ୫୨୦ ନଂ. ଜାତୀୟ ରାଜପଥରେ ଚାଲିଚାଲି ଯାଉଥିଲେ। ଏହି ସମୟରେ ପଛପଟରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେବା ସହ ଚାପିଦେଇ ପଳାଇଥିଲା। ଏଥିସହ ସେହି ଟ୍ରକ୍ ପଛେ ପଛେ ଆସୁଥିବା ଅନ୍ୟ ଏକ ଟ୍ରକ୍ ମଧ୍ୟ ଫୁଲବତୀଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ। ରାସ୍ତା ଉପରେ ବେଆଇନ ପାର୍କିଂ, ଭାରିଯାନ କବଳରୁ ଜାତୀୟ ରାଜପଥ, ଆପ୍ରୋଚ ରୋଡ୍‌ଗୁଡ଼ିକୁ ମୁକ୍ତ କରିବା, ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଚାକିରି ପ୍ରଦାନ ଇତ୍ୟାଦି ଦାବି କରିଥିଲେ। ସ୍ଥାନୀୟ ପୋଲିସ ଆନ୍ଦୋଳନରତ ଲୋକଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲା। ବଡ଼ବିଲ ତହସିଲଦାର ଡିଏସ୍‌ଏସ୍ ଯୋଶୀ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇଥିଲେ ମଧ୍ୟ ଲୋକ ରାସ୍ତାରୁ ହଟି ନ ଥିଲେ। ପ୍ରଶାସନ ଉଦ୍ୟମରେ ୨ ଖଣି କମ୍ପାନୀ ଟ୍ରକଗୁଡ଼ିକର ପାର୍କିଂ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେବା ସହ ମୃତ ମହିଳାଙ୍କ ପୁଅଙ୍କୁ ଚାକିରି ଦେବାକୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ରାସ୍ତା ଅବରୋଧ ଯୋଗୁ ଖଣିଜ ପରିବହନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ସାଧାରଣ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଏନେଇ ରୁଗୁଡ଼ି ଥାନାରେ ଏକ ମାମଲା(ନଂ. ୯୫/୨୦୨୪) ରୁଜୁ ହୋଇଥିବା ଜଣାପଡ଼ିଛି।

# ୧୨୦ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ନେଲେ

ପାଟଣା,୨୬।୭(ବିର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ମୁଖ୍ୟାଳୟ କାର୍ଯ୍ୟାଳୟ ସଭାଗୃହରେ କିଶୋରୀ ବାଳିକାଙ୍କୁ ନେଇ ଦିନିକିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ଦିପ୍ତିମୟୀ ନାୟକଙ୍କ ତତ୍ତ୍ୱାବଧାନରେ ଶିବିରରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍ତମ ନାୟକ ଯୋଗଦେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦ୍ୱାରା କିଶୋରୀମାନେ ନିଜର ସୁରକ୍ଷା କରି ପାରିବେ ବୋଲି ମତ ରଖିଥିଲେ। ସିଡ଼ିପିଓ ଶ୍ରୀମତୀ ନାୟକ ସରକାରଙ୍କ ଏହା ଏକ ଉତ୍ତମ ପଦକ୍ଷେପ ବୋଲି ଅଭିହିତ କରିବା ସହ ସମସ୍ତ କିଶୋରୀମାନେ ଉକ୍ତ କୌଶଳ ପ୍ରଶିକ୍ଷଣ ନେବା ଦରକାର ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ୧୨୦ରୁ ଊର୍ଦ୍ଧ୍ୱ କିଶୋରୀ ଅଂଶ ଗ୍ରହଣ ପ୍ରଶିକ୍ଷଣ ନେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ କବିତା ମହାନ୍ତ ଏବଂ ଆଲୋକ ନନ୍ଦିନୀ ମହାନ୍ତ ତାଲିମ ପ୍ରଦାନ କରିଥିଲେ। ସୁପରଭାଇଜର ଦମୟନ୍ତୀ ଦେଇ, ଲୀଳାବତୀ ମହାନ୍ତ, ବାସନ୍ତୀ ନାଏକ, ଖଇରମଣୀ ମହାନ୍ତ, ସୁମିତ୍ରା ନାଏକ, ଇନ୍ଦୁମତୀ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ଲୋକାୟୁକ୍ତରେ ଶୁଣାଣି ଅକ୍ଟୋବର ୧୭କୁ ଘୁଞ୍ଚିଲା

## ଉନ୍ନୟନ କାର୍ଯ୍ୟରେ ଅନିୟମିତତା

ହାଟଡିହୀ,୨୬।୭(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍‌ରେ ସରକାରୀ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ପ୍ରସଙ୍ଗରେ ଶୁଣାଣି ଆସନ୍ତା ଅକ୍ଟୋବର ୧୭କୁ ଘୁଞ୍ଚିଛି। ଜୁଲାଇ ୧୯ରେ ଶୁଣାଣି ହେବାର ଥିଲା। ତିନି ଜଣିଆ ବେଞ୍ଚରେ ଉକ୍ତ ମାମଲା ଶୁଣାଣି ଚାଲିଥିଲା। କିନ୍ତୁ କୋରମ ଅଭାବରୁ ଶୁଣାଣି ଘୁଞ୍ଚିଥିବା ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଲୋକାୟୁକ୍ତରେ ଦାୟର ମାମଲା (ନଂ. ଏଲୱାଇ ୬୦୩/୨୦୨୦ ଏବଂ ୧୨୨୫/୨୦୨୦) ଅନୁସାରେ ଗତ ୨୦୧୫- ୨୦୧୬ ରୁ ୨୦୨୦-୨୦୨୧ ବର୍ଷ ପର୍ଯ୍ୟନ୍ତ ସରକାରୀ ଉନ୍ନୟନ କାର୍ଯ୍ୟର ଅଡିଟ ନିର୍ଦ୍ଦେଶ ହୋଇଥିଲା। ଅଡିଟ ରିପୋର୍ଟ ଆଧାରରେ ଅନିୟମିତତା ହୋଇଥିବା ଜଣାପଡ଼ିବା ପରେ ଲୋକାୟୁକ୍ତ ଶତାଧିକ ସରକାରୀ କର୍ମଚାରୀ ଏବଂ ଲୋକ ପ୍ରତିନିଧିଙ୍କୁ ନୋଟିସ୍ ଜାରି କରି ଯବାବ ତଲବ କରିଥିଲେ। ଅପରପକ୍ଷେ ସରକାରୀ କର୍ମଚାରୀମାନେ କେନ୍ଦୁଝର ଜିଲାପାଳଙ୍କୁ ଲୋକାୟୁକ୍ତ ମଗାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ଆଦେଶକୁ ମାନ୍ୟବର ଓଡ଼ିଶା ହାଇକୋର୍ଟ ନିକଟରେ ଚ୍ୟାଲେଞ୍ଜ କରିଥିଲେ। କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବନି ବୋଲି ହାଇକୋର୍ଟ ନିର୍ଦ୍ଦେଶ ଜାରି କରିଥିଲେ। ଯାହାକି ଏବେ ହାଇକୋର୍ଟରେ ବିଚାରାଧୀନ ରହିଥିବା ଏବଂ ମଧ୍ୟବର୍ତ୍ତୀ କାଳୀନ ସ୍ଥଗିତାଦେଶ ବଳ ବତ୍ତର ରହିଥିବା ଆଇନଜୀବୀ ଶତପଥୀ କହିଛନ୍ତି।

# ଓଡ଼ିଆ ଭାଷା ବିକାଶରେ ପ୍ରତି ଓଡ଼ିଆଙ୍କ ଭୂମିକା ରହିଛି




ମଞ୍ଚାସୀନ ଅତିଥିମାନେ।

କେନ୍ଦୁଝର,୨୬।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

## ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନ

ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଶା ଓ ଧରଣୀଧର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନ ଶୁକ୍ରବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଭାଷା ପ୍ରତିଷ୍ଠାନର ପ୍ରକଳ୍ପ ପରାମର୍ଶଦାତା ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ଯୋଗଦେଇ ଭାଷା ପ୍ରତିଷ୍ଠାନର ଆଭିମୁଖ୍ୟ ଓ ଓଡ଼ିଆ ଭାଷାର ବିକାଶରେ ପ୍ରତ୍ୟେକ ଓଡ଼ିଆଙ୍କ ଭୂମିକା ରହିଛି ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥିଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରଭୁ ପ୍ରସାଦ ଦାସ ଯୋଗଦେଇଥିଲେ। ଡଃ ପ୍ରେମାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ସମ୍ମାନର ଆଲୋଚନା ପର୍ବରେ ଅତିଥି ଆଲୋଚକ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ରମେଶ ଚନ୍ଦ୍ର ମଲ୍ଲିକ, ଡଃ ବିମ୍ବାଧର ବେହେରା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ କେନ୍ଦୁଝରର ଅବଦାନ ବିଷୟରେ ଆଲୋଚନା କରି କେନ୍ଦୁଝରର ସାହିତ୍ୟ ସାଧକ ଓ ରାଜକବିମାନଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଆଲୋଚନାର ଦ୍ୱିତୀୟ ପର୍ବରେ ସ୍ନାତକୋତ୍ତର ସଂସ୍କୃତ ବିଭାଗ ପ୍ରଫେସର ଡ. ନିବେଦିତା ପତି ଓ ଓଡ଼ିଆ ବିଭାଗ ପ୍ରଫେସର ଶୁଭସ୍ମିତା ଦାଶ ଓଡ଼ିଆ ଭାଷା ଉପରେ ନିଜ ନିଜର ପ୍ରବନ୍ଧ ଉପସ୍ଥାପନ କରିଥିଲେ। ସଂସ୍କୃତ ବିଭାଗର ଛାତ୍ରୀ ସ୍ଥିତପ୍ରଜ୍ଞା ନାୟକ ଓ ଚିନ୍ମୟୀ ସ୍ୱଦେଶ ବନ୍ଦିତା ବେହେରା ଓଡ଼ିଆ ଭାଷା ଓ ସଂସ୍କୃତର ସମ୍ପର୍କକୁ ନେଇ ନିବନ୍ଧ ପାଠ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଅଜୟ ସାହୁ, ଡ. ଜ୍ୟୋତି କିଶୋର ମହାନ୍ତ, ପ୍ରଜ୍ଞାପାରମିତା ସାହୁ, ଅକାଳୁ ପୃଷ୍ଟି, ସଂସ୍କୃତ ବିଭାଗ ମୁଖ୍ୟ ଡ. ଅରୁନ୍ଧତୀ ଓଝା, ଡ. ପଙ୍କଜ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ସୁଧାକର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସହକାରୀ ପ୍ରାଧାପିକା ଶୁଭସ୍ମିତା ଦାଶ ଅତିଥି ପରିଚୟ ପ୍ରଦାନ ସହ ସମ୍ମାନ ସଂଯୋଜନା ଦାୟିତ୍ୱ ବହନ କରିଥିଲେ।

## ସ୍ୱାଧୀନତା ଦିବସ ପ୍ରସ୍ତୁତି

ଆନନ୍ଦପୁର,୨୬।୭(ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଆନନ୍ଦପୁର ଉପ ଜିଲାପାଳଙ୍କ ସଭାଗୃହଠାରେ ୭୮ତମ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଉପ ଜିଲାପାଳ ଅଭିଲିପ୍ସା ମହାନ୍ତିଙ୍କ ସଭାପତିତ୍ୱରେ ଲୋକ ସମ୍ପର୍କ ବିଭାଗର ଚନ୍ଦ୍ରଶେଖର ଦଳେଇ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ। ଉପଖଣ୍ଡର ବିଭିନ୍ନ ବିଭାଗରୁ ଆସିଥିବା କର୍ମଚାରୀଙ୍କୁ ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରରେ ଜାତୀୟ ସଙ୍ଗୀତ, ବକ୍ତୃତା, ସାଧାରଣ ଜ୍ଞାନ, ପ୍ରତିଯୋଗିତା ଅଗଷ୍ଟ ୧୧ ସୁଦ୍ଧା ଶେଷ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ପୌର ପାଳିକା, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ଅଗ୍ନିଶମ ବିଭାଗକୁ ଦାୟିତ୍ୱ ବଣ୍ଟନ କରାଯାଇଥିବା ବେଳେ ଉପଖଣ୍ଡସ୍ତରରେ ବିଭିନ୍ନ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଉପଖଣ୍ଡ ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯିବା ସହିତ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଅତିରିକ୍ତ ଉପ ଜିଲାପାଳଙ୍କ ସମେତ ଆସିଷ୍ଟାଣ୍ଟ କଲେକ୍ଟର ତପନ ପ୍ରଧାନ, ଆସିଷ୍ଟାଣ୍ଟ କଲେକ୍ଟର ବନଜା ପାତ୍ର, ଉପଖଣ୍ଡ ଚିକିତ୍ସା ଅଧିକାରୀ ଧନେଶ୍ୱର ସେଠୀ, ସହକାରୀ ଯୋଗାଣ ଅଧିକାରୀ ଶିବ ପ୍ରସାଦ ଶ୍ରୀହରିଚନ୍ଦନ, ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ଆନନ୍ଦପୁର ଉପଖଣ୍ଡର ପ୍ରଶାସନିକ ଅଧିକାରୀ, ମହାବିଦ୍ୟାଳୟ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

# ବେଲବାହାଲି ନିକଟରେ ଗୋଲେଇ ଛକ ନିର୍ମାଣ ଦାବି



ବେଲବାହାଲି ବାଇପାସ ।

ରାମଚନ୍ଦ୍ରପୁର,୨୬।୭(ଗଣେଶ୍ୱର ସା)

କେନ୍ଦୁଝର ଜିଲା ୨୦ ନମ୍ବର ଜାତୀୟ ରାଜପଥ ବେଲବାହାଲି ବାଇପାସ ମରଣରଯନ୍ତା ପାଲଟିଛି। ଦୀର୍ଘ ଦିନ ହେବ ବାରିଗାଁ ଓ ସିଆପଡ଼ା ବାଇପାସ ନିକଟରେ ଟ୍ରାଫିକ ନିୟମ ଦୃଷ୍ଟି କୋଣରୁ ଡିଭାଇଡର ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ସେଥିରୁ କିଛି ଅଂଶ ଭାଙ୍ଗି ଯାଇଥିବା ପରିଲକ୍ଷିତ ହୋଇଛି। ବେଲବାହାଲି ଛକଠାରୁ ଜାତୀୟ ରାଜପଥକୁ ପ୍ରାୟ ଦୈନିକ ଶତାଧିକ ଯାନ ଓ ସ୍କୁଲ, କଲେଜକୁ ଛାତ୍ରୀଛାତ୍ର ଯାଉଛନ୍ତି। ପରିତାପର ବିଷୟ ଏ ପର୍ଯ୍ୟନ୍ତ ବାଇପାସରେ ହମ୍ପସ ସମେତ ସୂଚନା ଫଳକ ଲଗାଯାଇ ନାହିଁ। ଫଳରେ ଜାତୀୟ ରାଜପଥରେ ଦ୍ରୁତଗତିରେ ଅତିକ୍ରମ କରୁଥିବା ଯାନବାହନ ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଉଠି ଖାଲଖମା ହେବା ଫଳରେ ଲୋକମାନେ ଯିବା ଆସିବାରେ ଅସୁବିଧା ଭୋଗୁଛନ୍ତି। ରାସ୍ତା ଘାଟର ସୌନ୍ଦର୍ଯ୍ୟ ଦୃଷ୍ଟିରୁ ବାରିଗାଁ ଓ ସିଆପଡ଼ା ପାର୍ଶ୍ୱକୁ ଗୋଲେଇ ଛକରେ ପରିଣତ କରାଗଲେ ଯାତାୟାତ ସୁଗମ ହୋଇପାରନ୍ତା ବୋଲି ମତ ପ୍ରକାଶ ପାଇଛି। ଏ ନେଇ ପୂର୍ବରୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ପରିତାପର ବିଷୟ ହୋଇଛି। ଏଣୁ କେନ୍ଦୁଝର ଜିଲାପାଳ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବେଲବାହାଲି ସରପଞ୍ଚ ଦିପ୍ତୀ ସାହୁଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର,୨୬।୭(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)/ଚମ୍ପୁଆ(ମହେଶ୍ୱର ଦାସ)

## କାରଗିଲ ବିଜୟ ଉତ୍ସବ

କେନ୍ଦୁଝର ସହରସ୍ଥିତ ଅଡିଟୋରିୟମଠାରେ ଶୁକ୍ରବାର ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସବୀର ଦାଶଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ୨୫ତମ କାରଗିଲ ବିଜୟ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ପୌରାଧ୍ୟକ୍ଷା ନିକୁ ସାହୁ, ଜିଲା ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ଅନୁବ୍ରତ ବେହେରା, ଜିଲା ଭାଜପା ସାଧାରଣ ସମ୍ପାଦକ ଶୁକଦେବ ମହାନ୍ତ, ଅବସରପ୍ରାପ୍ତ ସେନା ଅଧିକାରୀ ଚନ୍ଦ୍ରମଣି ଦଳେଇ, ଗୋପୀନାଥ ରାମ, ଶିବ ରାଠୋର, ପ୍ରକାଶ ମଲ୍ଲିକ, ରାଧାକାନ୍ତ ମହାନ୍ତ, ବିବେକାନନ୍ଦ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲାର ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ନିମନ୍ତ୍ରିତ କରି ଉପଢ଼ୌକନ ତଥା ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ମେଜର ବଳଭଦ୍ର ସାହୁ, ମୁଖ୍ୟ ବକ୍ତାଭାବରେ ସେନା ଅଧିକାରୀ ଶୁଭାଶୀଷ ଚକ୍ରବର୍ତ୍ତୀ, ସମ୍ମାନିତ ଅତିଥି ଭାବରେ ସେନା ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ସେହିପରି ଚମ୍ପୁଆରେ ଛାତ୍ର ସଂଗଠନ, ପୂର୍ବତନ ସୈନିକ ସଂଗଠନ ପକ୍ଷରୁ କାରଗିଲ ଦିବସ ପାଳିତ ହୋଇଯାଇଛି। ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ବିଜୟ ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କର, ମୁଖ୍ୟ ବକ୍ତାଭାବେ ପ୍ରଶାନ୍ତ ନନ୍ଦ, ଜିଲା ସଂଯୋଜକ ପ୍ରିତମ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପୂର୍ବତନ ସୈନିକ ୱେଲଫେୟାର ଆସସିଏଶନ ପକ୍ଷରୁ ପଦଯାତ୍ରା କରାଯାଇଥିଲା।

# ମେଡିଆନ୍ ଚାରା ରୋପଣରେ ଅନିୟମିତତା

କେନ୍ଦୁଝର,୨୬।୭(ନରେଶ ଚନ୍ଦ୍ର ପଟ୍ଟନାୟକ)



- ୪ ଇଞ୍ଚ ଗାତରେ ୪ ଫୁଟର ଚାରା ଲାଗୁଛି
- କୌଣସି ସାର କି କୀଟନାଶକ ପକାଯାଉନାହିଁ

କେନ୍ଦୁଝର ଦେଇ ଯାଇଥିବା ଜାତୀୟ ରାଜପଥ ୨୦ର ପାଣିକୋଇଲିଠାରୁ ରିମୁଳି ପର୍ଯ୍ୟନ୍ତ ପ୍ରାୟ ୧୬୪ କି.ମି. ରାସ୍ତା ମେଡିଆନ୍‌ରେ ଚାରା ରୋପଣରେ ଅନିୟମିତତା ଅଭିଯୋଗ ହୋଇଛି। ପୂର୍ବରୁ ଲାଗିଥିବା ଚାରା ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ମରିଯାଇଥିବା ବେଳେ ଉକ୍ତ ସ୍ଥାନରେ ପୁଣି ଚାରା ରୋପଣ କରାଯାଉଥିବା ଦେଖାଯାଇଛି। ଚାରା ରୋପଣ ସମୟରେ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ସଂସ୍ଥା ପକ୍ଷରୁ ତଦାରଖ ହେଉ ନ ଥିବାରୁ କାମ ଠିକ୍ ଭାବରେ ହେଉନାହିଁ। ଫଳରେ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଜାତୀୟ ରାଜପଥ ପ୍ରାଧିକରଣ ନିୟମ ଅନୁସାରେ, ୧ କିଲୋମିଟର ମଧ୍ୟରେ ୬୬୬ଟି ଗଛ ରହିବ। ଯେଉଁ ସ୍ଥାନରେ ଗଛ ମରିଯାଇଛି ଏବଂ ଆଦୌ ଗଛ ନାହିଁ ସେଠାରେ ଅଭିପ୍ସା କନ୍‌ଷ୍ଟ୍ରକଶନ ସଂସ୍ଥା ପକ୍ଷରୁ ଚାରାରୋପଣ କରାଯାଉଛି। ଏହି ଆଧାରରେ ବିଭାଗୀୟ ସଂସ୍ଥା ସୂଚନା ଅନୁଯାୟୀ, ମେଡିଆନରେ ପ୍ରାୟ ୩୫ ହଜାର ଟେକମା ଏବଂ କାଗଜିଫୁଲ ଚାରା ଲଗାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏବେ ସୁଦ୍ଧା ୧୦ ହଜାର ଚାରା ଲଗାଯାଇଛି। ମାତ୍ର ଚାରାରୋପଣ ପୂର୍ବରୁ ଗାତ ଖୋଳି ସେଥିରେ ଗାମାକସିନ ଓ ଖତ ସାର ଦିଆଯାଇଥାଏ। ତେବେ ସେସବୁ ପାଳନ ହେଉନାହିଁ। ୧ ଫୁଟ ବଦଳରେ ୪ ଇଞ୍ଚ ଗାତ ଖୋଳି ଚାରା ଲଗାଯାଉଛି। ଏଥିସହ କୌଣସି ସାର ଓ କୀଟନାଶକ ପକାଯାଉନାହିଁ। ୪ ଇଞ୍ଚ ଗାତରେ ୪ ଫୁଟ ଉଚ୍ଚତାର ଚାରା ରୋପଣ କରାଯାଉଛି। ଏଥିସହ ଚାରା ରୋପଣ ପରେ ସେଗୁଡିକୁ ସିଧାସଳଖ ଠିଆ ହୋଇ ରହିବା ପାଇଁ ବାଉଁଶ କାଠି ବନ୍ଧାଯିବା କଥା। ମାତ୍ର ଏହା କରାଯାଉ ନ ଥିବାରୁ ସାମାନ୍ୟ ପବନ, ବର୍ଷା ହେଲେ କିମ୍ବା ଗାଡି ଚଳାଚଳ ସମୟରେ ଚାରା ଢଳି ପଡୁଛି। ପୂର୍ବରୁ ମଧ୍ୟ ରାସ୍ତାକଡରେ ଏବଂ ମେଡିଆନରେ ଠିକ୍ ଭାବରେ ଚାରାରୋପଣ, ନିୟମିତ ପାଣି ସିଞ୍ଚନ, ଅନାବନା ଗଛ ସଫେଇ ଆଦି କରାଯାଇ ନ ଥିବାରୁ କାର୍ଯ୍ୟକ୍ରମ ସଫଳ ହୋଇ ନ ଥିଲା। ଏବେ ପୁଣି ଚାଲିଥିବା ଚାରା ରୋପଣର ସ୍ଥାୟିତ୍ୱ କେତେ ଦୂର ସଫଳ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣ ଉଦ୍ୟାନ ବିଶେଷଜ୍ଞ ସୂର୍ଯ୍ୟକିରଣ ନାଥ କହିଛନ୍ତି, ବର୍ତ୍ତମାନ ଏନ୍‌ଏଚ୍ ୨୦ରେ ଚାରାରୋପଣ କାମ ଚାଲିଛି। ତେବେ କାମ ସମ୍ପର୍କରେ ଉଚ୍ଚ ଅଧିକାରୀଙ୍କୁ ନ ପଚାରି କିଛି କହିପାରିବେ ନାହିଁ। ଅଭିପ୍ସା କନ୍‌ଷ୍ଟ୍ରକଶନର ପ୍ରୋଜେକ୍ଟ ମ୍ୟାନେଜର ପ୍ରମୋଦ ବସ୍ତିଆ କହିଛନ୍ତି, ଠିକ୍ ଭାବରେ ଚାରା ରୋପଣ କରାଯାଉଛି। ଗଛ ନ ପଡ଼ିବା ପାଇଁ ବାଉଁଶ କାଠି ବନ୍ଧାଯିବାକୁ କୁହାଯାଇଛି।

## ସଂକ୍ଷେପରେ

### ବଜ୍ରପାତରେ ୨ ମୃତ, ୩ ଆହତ

ଜଳେଶ୍ୱର,୨୬।୭(ନବୀନ ସାହୁ)

ପଶ୍ଚିମବଙ୍ଗ ଦାନ୍ତନ ଥାନା ଜେନାଦିଗ ଗ୍ରାମରେ ଶୁକ୍ରବାର ଅପରାହ୍ଣରେ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ସେହି ସମୟରେ ବିଲରେ ଦୁଇ ଭାଇ ଚାଷ କାର୍ଯ୍ୟ କରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଉଭୟଙ୍କୁ ଉପସ୍ଥିତ ଲୋକେ ଉଦ୍ଧାର କରି ଜଳେଶ୍ୱର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ବଡ଼ ଭାଇ ଶାନ୍ତନୁ ଭଞ୍ଜଙ୍କୁ ମୃତ ଘୋଷଣା କରିଥିବା ବେଳେ ସାନ ଭାଇ ଅତନୁ ଭଞ୍ଜଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ସେହିପରି ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଖୁଆଡ଼ ପଞ୍ଚାୟତ ଉପରକୁଣ୍ଡି ଗାଁର ଉତ୍ତମ ସୋରେନ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ମୃତ୍ୟୁବରଣ କରିଛନ୍ତି। ଅନୁରୂପ ଭାବେ ଶ୍ୟାମନଗର ପଞ୍ଚାୟତ ଶୁଖଯୋଡ଼ି ଗାଁର ଲବ ବାସ୍କେ ଓ ଆମ୍ବିଶୋଳ ଗାଁର ପାର୍ବତୀ ମୁର୍ମୁ ପଶ୍ଚିମବଙ୍ଗ ଦାନ୍ତନ ଥାନା ସାର୍ଥା ଅଞ୍ଚଳକୁ ମଜୁରି ଲାଗିବାକୁ ଯାଇଥିଲେ। ସେଠାରେ ବିଲରେ କାମ କରୁଥିବାବେଳେ ବଜ୍ରପାତରେ ଆହତ ହେଇ ହାତୀଗଡ଼ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

### ୧୦୦ରୁ ଊର୍ଦ୍ଧ୍ୱ ବସ୍ତା ସାର ଜବତ, ମାଲିକ ଫେରାର

**ନକଲି ପଟାସ ସାର କାରଖାନା ଠାବ**

ବାଲେଶ୍ୱର, ୨୬।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଭୋଟର ନିକଟସ୍ଥ ବ୍ୟାଙ୍କ କଲୋନୀଠାରେ ନକଲି ସାର କାରଖାନା ଠାବ କରାଯାଇଛି। ସେଠାରେ ଦୀର୍ଘ ଦିନ ଧରି ନକଲି ପଟାସ ସାର ତିଆରି ହେଉଥିଲା। ଏନେଇ ଅଭିଯୋଗ ଆସିବା ପରେ ଶୁକ୍ରବାର ଘଟଣାସ୍ଥଳରେ କୃଷି ବିଭାଗ, ସହଦେବଖୁଣ୍ଟା ପୋଲିସ, ସଦର ତହସିଲଦାରଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପଟାସ ସାର ତିଆରିରେ ବ୍ୟବହୃତ ଲୁଣ, ରଙ୍ଗ, ସାର ସହ ନକଲି ୧୦୦ ବସ୍ତା ସାର ଓ ସେହି ସ୍ଥାନକୁ ସିଲ୍ କରିଥିଲେ। ଏଥିସହ ଚାଲାଣ ହେଉଥିବା ପିକଅପ୍‌କୁ ମଧ୍ୟ ଜବତ କରିଥିଲେ। ତେବେ କାରଖାନାର ମାଲିକ ସରୋଜ ହାଜରା ଫେରାର ହୋଇଯାଇଛନ୍ତି। ଏନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଏହି ଚଢାଉରେ ଜିଲ୍ଲା କୃଷି ଅଧିକାରୀ ତୁଷାରକାନ୍ତି ତୁଙ୍ଗ, ସହକାରୀ କୃଷି ଅଧିକାରୀ ଲିଜା ଦାସ ଓ ଗୋଷ୍ଠୀ କୃଷି ଅଧିକାରୀ ଅଳକା ସାହୁ ସାମିଲ ଥିଲେ।

### କାରଗିଲ ବିଜୟ ଦିବସ ପାଳନ

ବାଲେଶ୍ୱର, ୨୬।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ସୁନହଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ 'କାରଗିଲ ବିଜୟ ଦିବସ ୨୫ବର୍ଷ, ଛତ୍ରପତି ଶିବାଜୀଙ୍କ ରାଜ୍ୟଭିଷେକ ୩୫୦ବର୍ଷ ଓ ଦେବୀ ଅହଲ୍ୟା ବାଈ ହୋଲକରଙ୍କର ଜନ୍ମ ଜୟନ୍ତୀ' ଉତ୍ସବ ମିଳିତ ଭାବେ ପାଳିତ ହୋଇଛି। ଏଥିରେ ଶିଶୁମାନଙ୍କ ଦ୍ୱାରା ବିବିଧ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ବ୍ୟୋମନାଥ ରଥ, ସମ୍ପାଦକ ଗୌରମୋହନ ବେହେରା, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ବିନ୍ଧାଣୀ, ଉପସଭାପତି ସୁଶାନ୍ତ କୁମାର ନାୟକ ଓ ସହସମ୍ପାଦକ ଦେବବ୍ରତ ମିଶ୍ର ପ୍ରମୁଖ ଯୋଗଦେଇ ଶିଶୁମାନଙ୍କର ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁମାଗୁରୁଜୀ ଓ ଅପାମାନେ ସହଯୋଗ କରିଥିଲେ।

# ଚାଷ ବେଳେ ଜମିରେ ଚରିଲେ ଗୋରୁ

ଔପଦା, ୨୬।୭(ଧରିତ୍ରୀ ପଣ୍ଡା)



ଚାଷ ଜମିରେ ଗୋରୁ ଚରୁଛନ୍ତି।

ଜୟ ଯବାନ, ଜୟ କିଷାନ ଧ୍ୱନିରେ ଚାଷ ଅଛି ଯାହାର, କି ଆନନ୍ଦ ତାହାର ଉକ୍ତିର ଆଜି ବିପରୀତ ଦେଖାଦେଇଛି। ଧାନ ଚାଷ ବେଉଷଣ ସମୟରେ ବର୍ଷା ଅଭାବ ଯୋଗୁ ଚାଷ ଜମିରେ ଗୋରୁ ଚରୁଛନ୍ତି। ଚାଷ କାମ ହୋଇପାରୁ ନ ଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅଞ୍ଚଳର ଲୋକମାନେ ମୁଖ୍ୟତଃ ଚାଷ ଉପରେ ନିର୍ଭର କରୁଥିବାରୁ ଚାଷ ଜମିଗୁଡିକ ଗୋଚାରଣ ଭୂମି ପାଲଟିଛି। ଏଭଳି ସ୍ଥିତିରେ ଚାଷୀ କଣ କରିବ, ବୁଦ୍ଧିବାଟ ଦିଶୁନାହିଁ।

ଔପଦା ବ୍ଲକସ୍ତରୀୟ ୧୧ଟି ପଞ୍ଚାୟତରେ ୭୯୦୦ ହେକ୍ଟର ଚାଷଜମି ଥିବା ବେଳେ ଜୁଲାଇରେ ଧାନ ଚାଷ ଶେଷ ହେବା ବଦଳରେ ନିଅଣ୍ଟିଆ ବର୍ଷା ପାଇଁ ଚାଷ କାର୍ଯ୍ୟରେ ବ୍ୟାଘାତ ଘଟୁଛି। ଚାଷୀ ଜୁନ୍‌ରେ ତଳି ପକାଇ ଜୁଲାଇରେ ବିଲ ରୋଇ ଚାଷ କାର୍ଯ୍ୟକୁ ଆଗେଇନେବା ପାଇଁ ବସିଥିବା ବେଳେ ଏଯାଏ ଧାନ ତଳିଟିଏ ପଡିପାରୁନାହିଁ। ୨୦୨୩ ଜୁନ୍‌ରେ ବର୍ଷାର ପରିମାଣ ୧୬୭ ମି.ମି. ଓ ଜୁଲାଇରେ ୩୪୩ ମି.ମି. ବର୍ଷା ହୋଇଥିବା ପୂର୍ବ ରେକର୍ଡ଼ରୁ ଜଣାପଡ଼ିଥିବା ବେଳେ ଚଳିତ ୨୦୨୪ ଜୁନ୍‌ରେ ୬୫ ମି.ମି. ବର୍ଷା ଓ ଜୁଲାଇ ୨୦ତାରିଖ ସୁଦ୍ଧା ମାତ୍ର ୫୦ ମି.ମି. ବର୍ଷା ହୋଇଥିବା ରେକର୍ଡରୁ ଜଣାଯାଇଛି। ବ୍ଲକସ୍ତରୀୟ ୭୯୦୦ହେକ୍ଟର ଚାଷଜମି ମଧ୍ୟରୁ ବ୍ୟକ୍ତିଗତ ପାଣି ପଏଣ୍ଟ ଥିବାରୁ ମାତ୍ର ୨୩ହେକ୍ଟର ଜମି ଚଳିତବର୍ଷ ରୁଆଯାଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି। ୫୪୫ ହେକ୍ଟର ତଳିରେ ତଳି ପଡ଼ିଥିବା ଓ ୮୪ ହେକ୍ଟର ଜମି ବୁଣାଯାଇଥିଲେ ମଧ ତଳି ଏବଂ ରୁଆ ହୋଇଥିବା ଜମିଗୁଡ଼ିକରେ ପାଣି ଅଭାବ ପାଇଁ ଉଇ ଲାଗି ମରିବାକୁ ବସିଲାଣି। ମୌସୁମୀ ବର୍ଷାର ଲୁଚକାଳି ପାଇଁ ଚାଷ କାର୍ଯ୍ୟ ହୋଇ ପାରି ନ ଥିବାରୁ ଚାଷୀ କଣ କରିବ ବୋଲି ଚିନ୍ତା କରି ମୁଣ୍ଡରେ ହାତ ଦେଇ ବସିଛି। ବ୍ଲକସ୍ତରୀୟ ଥିବା ଚାଷ ଜମି ମଧ୍ୟରୁ ୪୮୫୨ ହେକ୍ଟର ଜମି ଉଠା ଜଳସେଚିତ ବୋଲି ରେକର୍ଡ ଦର୍ଶାଯାଇଥିବା କୃଷି ବିଭାଗରୁ ଜଣାପଡ଼ିଥିବା ବେଳେ ୪୧୯ ହେକ୍ଟର ଜମି ଏମ୍‌ଆଇପି ଓ ୬୭୨ ହେକ୍ଟର ଜମି ଚେକଡ୍ୟାମ ବୋଲି କୁହାଯାଉଛି। ବ୍ଲକସ୍ତରୀୟ ୨୪ଟି ଉଠାଜଳସେଚନ ପଏଣ୍ଟ ଥିବା ବେଳେ ଅଧାରୁ ଊର୍ଦ୍ଧ୍ୱ ଅଚଳ ହୋଇପଡ଼ିଛି। ବର୍ତ୍ତମାନ ଚାଷ କାର୍ଯ୍ୟ ଶେଷ ହେବା ପରିବର୍ତ୍ତେ ଜମିରେ ଗୋରୁ ଚରୁଥିବାରୁ ଚାଷୀଙ୍କୁ ସର୍ବସ୍ୱାନ୍ତ ହେବ ବୋଲି ଆଶଙ୍କା କରାଯାଉଛି। ସେହିପରି ଖଇରା ବ୍ଲକ ଉଗରପଡ଼ା, ଗୋବିନ୍ଦପୁର ପଞ୍ଚାୟତ ପରି କେତେକ ପଞ୍ଚାୟତରେ ମଧ୍ୟ ଅନୁରୂପ ପରିସ୍ଥିତି ଦେଖାଦେଇଛି।

# କାର୍‌ଗିଲ ବିଜୟ ଦିବସ ପାଳିତ




ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।

**ଶିକ୍ଷାକେନ୍ଦ୍ରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ସଲାମ**

ରୂପସା, ୨୬।୭(ବାଞ୍ଛାନିଧି ଦେ)

କାରଗିଲ ବିଜୟ ଦିବସର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ପାତ୍ର ଅଧ୍ୟକ୍ଷତା କରି କାରଗିଲ ଯୁଦ୍ଧର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ 'ପରମବୀର ଚକ୍ର' ସମ୍ମାନିତ କ୍ୟାପଟେନ ବିକ୍ରମ ବାତ୍ରାଙ୍କ ସମେତ ସମସ୍ତ ମୃତ ସୈନିକଙ୍କୁ ଶହୀଦ ବେଦୀରେ ଶ୍ରଦ୍ଧାଞ୍ଜଳି ସଲାମ ଅର୍ପଣ କରାଯାଇଥିଲା। ପୂର୍ବତନ ବାୟୁସେନା ଅଧିକାରୀ ପ୍ରଦୀପ କୁମାର ପରିଡ଼ା ଯୋଗଦେଇ କାରଗିଲ ଯୁଦ୍ଧ ସମୟରେ ତାଙ୍କର ଅନୁଭୂତି ଓ ଭାରତୀୟ ସେନାଙ୍କ କଠିନ ପାହାଡ଼ ଟାଇଗର ହିଲ୍ ଉପରେ ବିଜୟର ବୀରତା ବର୍ଣ୍ଣନା କରିଥିଲେ। ଛାତ୍ରୀଛାତ୍ର ଶହୀଦମାନଙ୍କ ସ୍ମୃତିରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାକେନ୍ଦ୍ରର ଉପଦେଷ୍ଟା ସାମାଜସେବୀ ଶ୍ୟାମା ପ୍ରସାଦ ବେହେରା, ଉପପ୍ରଧାନାଚାର୍ଯ୍ୟ ରଞ୍ଜିତା ପାଢୀ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ଗୁରୁମା ପୁଷ୍ପଲତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁମା ଗୁରୁଜୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଏନ୍‌ଏସି ଫାଟକରେ ତାଲା ପକାଇଲେ ବସ୍ତିବାସିନ୍ଦା



ଏନ୍‌ଏସି ଫାଟକ ସମ୍ମୁଖରେ ଧାରଣାରତ ବସ୍ତିବାସିନ୍ଦା।

ନୀଳଗିରି, ୨୬।୭(ପ୍ରଶାନ୍ତ ବିଶ୍ୱାଳ)

ରାଜ୍ୟ ସରକାର ଏନ୍‌ଏସି ଏରିଆରେ ବସ୍ତି ବାସିନ୍ଦାଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଚଳନ କରିଛନ୍ତି। ଏହି କ୍ରମରେ ପ୍ରତି ବସ୍ତିର ଉନ୍ନତି ପାଇଁ ପରିଚୟ ଗୃହ ନିର୍ମାଣ ହେଉଛି। ଏଥିରେ କୌଣସି ଠିକାଦାରଙ୍କୁ କାର୍ଯ୍ୟ କରିବାକୁ ଦିଆ ନ ଯାଇ ସମ୍ପୃକ୍ତ ବସ୍ତିର ମହିଳା, ପୁରୁଷଙ୍କୁ ନେଇ ଏକ ବସ୍ତି କମିଟି ଗଠନ କରାଯାଇ ସେମାନଙ୍କ ମଧ୍ୟରେ ସମ୍ପାଦକ, ସଭାପତି, କୋଷାଧ୍ୟକ୍ଷ ଚୟନ କରାଯାଇ ସେମାନଙ୍କ ଦ୍ୱାରା ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା ପରେ ବି ବିଲ୍ ପାଇଁ ବହୁବାର ଅଧିକାରୀଙ୍କୁ କାକୁତି ମୀନତି କରୁଥିଲେ ମଧ ବିଲ୍ ନ ମିଳିବାରୁ ଶେଷରେ ଶୁକ୍ରବାର ଏନ୍‌ଏସି ମୁଖ୍ୟ ଫାଟକରେ ବସ୍ତି ବାସିନ୍ଦା ତାଲା ପକାଇ ଧାରଣାରେ ବସିଥିଲେ। ପରେ ନିର୍ବାହୀ ଅଧିକାରୀ

**ବକେୟା ବିଲ୍ ମିଳିଲାନି**

ପ୍ରସନ୍ନ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିବା ପରେ ତାଲା ଖୋଲାଯାଇଥିଲା। ଆସନ୍ତା ସୋମବାର ବକେୟା ବିଲ୍ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ପରିବେଶ ଶାନ୍ତ ପଡ଼ିଥିଲା।

ସୂଚନା ଅନୁସାରେ ନୀଳଗିରି ସହରାଞ୍ଚଳର ୧୧ନମ୍ବର ୱାର୍ଡ଼ରେ ମଠପୋଖରୀଠାରେ ପରିଚୟ ଗୃହ ନିର୍ମାଣ ପାଇଁ ଉକ୍ତ ବସ୍ତିବାସିନ୍ଦାଙ୍କୁ ୫ଲକ୍ଷ ଟଙ୍କାର ଅଟକଳରେ କାର୍ଯ୍ୟାଦେଶ ପାଇ ନିର୍ମାଣ କରିଥିଲେ। କାର୍ଯ୍ୟ ଶେଷ ପରେ ପ୍ରଥମ ପର୍ଯ୍ୟାୟରେ ୩.୫ଲକ୍ଷ ବିଲ୍ ପ୍ରଦାନ କରାଯାଇଥିଲା। ଗତବର୍ଷ ଡିସେମ୍ବରରୁ କାର୍ଯ୍ୟ ସରିଥିଲେ ମଧ୍ୟ ଅବଶିଷ୍ଟ ୧.୫ଲକ୍ଷ ପାଇବା ପାଇଁ ଆଜକୁ ୬ମାସ ଧରି ନିବେଦନ କରୁଥିଲେ ମଧ ବିଲ୍ ପାରିତ କରି ନ ଥିଲେ। ଏନେଇ ବସ୍ତି କମିଟି ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ସମେତ ସମସ୍ତ ସଦସ୍ୟ ଘଟଣା ବାବଦରେ ଉପଜିଲାପାଳ, ସ୍ଥାନୀୟ ବିଧାୟକ, ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶେଷରେ ମୁଖ୍ୟଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଅନେକ ଘଣ୍ଟା ଧରି କର୍ମଚାରୀମାନେ ବାହାରେ ଛିଡ଼ା ହୋଇଥିବା ବେଳେ ଅଫିସ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଏହି ଧାରଣାରେ ବସ୍ତିର ପ୍ରେମଲତା ମୁଖୀ, ଲକ୍ଷ୍ମୀମଣି ବେହେରା, ପୁଷ୍ପଲତା ବେହେରା, ଭିମାମଣୀ ପଲେଇ, ମିଲି ଦଲେଇ, ସତ୍ୟବ୍ରତ ପାଣିଗ୍ରାହୀ, ଜଗନ୍ନାଥ ପଣ୍ଡା, ସୁଜିତ୍ ପାଣିଗ୍ରାହୀ, ରଞ୍ଜିତ ବେହେରା, ବିଦ୍ୟାଧର ଖଟୁଆ, ଦୀପକ ପରିଡ଼ା ଓ ଜ୍ଞାନରଞ୍ଜନ ବେହେରା ପ୍ରମୁଖ ବହୁ ବସ୍ତିବାସିନ୍ଦା ସାମିଲ ଥିଲେ।

### ପୂର୍ବତନ ସୈନିକ ସଙ୍ଗଠନ ପକ୍ଷରୁ କାର୍‌ଗିଲ ବିଜୟ ଦିବସ

କାଳିପଦା, ୨୬।୭(ରାଜଶ୍ରୀ ପାଣିଗ୍ରାହୀ)

ଭାରତୀୟ ପୂର୍ବତନ ସୈନିକ ସଙ୍ଗଠନ ବାଲିଆପାଳ ଶାଖା ତରଫରୁ ଶୁକ୍ରବାର କାରଗିଲ ବିଜୟ ଦିବସ ବାଲିଆପାଳର ଗୁରୁକୁଳ ଭବନରେ ପାଳିତ ହୋଇଛି। ସଙ୍ଗଠନ ସଭାପତି ବାୟୁସେନା ଅବସରପ୍ରାପ୍ତ କର୍ମଚାରୀ କମଳଲୋଚନ ପିଳା ପୌରହିତ୍ୟ କରିଥିଲେ। କାରଗିଲ ଯୁଦ୍ଧରେ ଶହୀଦ ହୋଇଥିବା ସୌରଭ କାଳିଆ, ବିକ୍ରମ ବାତ୍ରା, ମନୋଜ ପାଣ୍ଡେ, ରାଜେଶ ସିଂ ଆଦି ଯବାନଙ୍କୁ ଆମ ସରକାର ପରମବୀର ଚକ୍ରରେ ଭୂଷିତ କରିଛନ୍ତି। ବାଲିଆପାଳର ସୈନିକ ଜୟରାମ ପାତ୍ର, ରାମଚନ୍ଦ୍ର ଜେନା, ରଜନୀକାନ୍ତ ସି ଆଦି ସୈନିକମାନେ କାରଗିଲ ଯୁଦ୍ଧରେ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରିଥିଲେ ଓ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ। ଅତିଥି ରୂପେ ସଙ୍ଗଠନ ଉପସଭାପତି ମନୋଜ ସି ସ୍ୱାଗତ ଭାଷଣ ଦେଇଥିବା ବେଳେ ସେକ୍ରେଟାରୀ ରାଧାନାଥ ରାଉତ, ବିନୋଦ ବିହାରୀ ଦାସ ବକ୍ତବ୍ୟ ରଖିଥିଲେ। କୋଷାଧ୍ୟକ୍ଷ ପଦ୍ମଲୋଚନ ଚକ୍ରବର୍ତ୍ତୀ, ବ୍ରଜମୋହନ ବାରିକ, ନିରଞ୍ଜନ ଗିରି ଓ ଭୀମ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପୁସ୍ତକ 'ମାମୁନି ମୋହର ବଡ଼ ହେଲାଣି' ଉନ୍ମୋଚିତ



ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଖଇରା, ୨୬।୭(ଉତ୍କଳବନ୍ଧୁ ପଣ୍ଡା)

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ବିଶିଷ୍ଟ କଳାକାର ତଥା କବି ବସନ୍ତ କୁମାର ଦାସଙ୍କ ରଚିତ କବିତା ସଙ୍କଳନ 'ମାମୁନି ମୋହର ବଡ ହେଲାଣି' ତଥା ଜଳଧର ଦାସଙ୍କ ରଚିତ ପୁସ୍ତକ 'ଭାବର ସ୍ୱଭାବ' ଗୁରୁବାର ଉନ୍ମୋଚିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ପେଡାଙ୍କ ସଭାପତିତ୍ୱରେ ଧୋବାଗଡିଆଠାରେ ଆୟୋଜିତ ଉକ୍ତ ଲୋକାର୍ପଣ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପରେଶ କୁମାର ଦକ୍ଷିଣରାୟ ମୁଖ୍ୟଅତିଥି, ବିଶିଷ୍ଟ କବି ତଥା ପାଲାଗାୟକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାଷାର ଉତ୍‌ଥାନ ପାଇଁ ଭାଷାକୁ ଭଲ ପାଇବା ସହ ଭାବନା ଜାଗ୍ରତ ହେବା ଦରକାର ବୋଲି କହିଥିଲେ। କୈଳାସ ଚନ୍ଦ୍ର ପୃଷ୍ଟି, ସୁଦର୍ଶନ ପାଣିଗ୍ରାହୀ, ଜଳଧର ଦାସ, ଡା.ଉମେଶ ଚନ୍ଦ୍ର ମହାନ୍ତି, ଅନିମା କୁମାରୀ ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ସମାଜରେ ଭଲ ପାଠକ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ପୁସ୍ତକର ସ୍ରଷ୍ଟା ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ପୋଲିସ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର, ୨୬।୭(ମାନସ ବିଶ୍ୱାଳ)

ବାଲେଶ୍ୱର ସହରସ୍ଥିତ ପୋଲିସ ହସ୍ପିଟାଲ ପରିସରରେ ଜିଲ୍ଲା ପୋଲିସ ପକ୍ଷରୁ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଏହାକୁ ଉଦ୍‌ଘାଟନ କରିବା ସହ ନିଜେ ରକ୍ତ ଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମାନବିକତା ବଜାୟ ରଖିବା

**୧୧୮ ୟୁନିଟ୍ ସଂଗୃହୀତ**

ପାଇଁ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏହି ଅବସରରେ ପୋଲିସ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକ ରକ୍ତଦାନ କରିଥିଲେ। ଶିବିରରୁ ମୋଟ୍ ୧୧୮ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମରେ ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା, ଡିଏସ୍‌ପି ଶୁଭ୍ରାଂଶୁ ଶେଖର ନାୟକ, ସହଦେବଖୁଣ୍ଟା ଆଦର୍ଶ ଥାନା ଅଧିକାରୀ ଜୟନ୍ତ ବେହେରା, ଟାଉନ ଥାନା ଅଧିକାରୀ ଅଶୋକ ନାୟକ, ସଦର ଥାନା ଅଧିକାରୀ ଦୟାନିଧି ଦାସ, ବ୍ଲଡ ବ୍ୟାଙ୍କ ଅଧିକାରୀ ଡା. ବସନ୍ତ ଉପାଧ୍ୟାୟଙ୍କ ସମେତ ପୋଲିସ ହସ୍‌ପିଟାଲର ଡାକ୍ତର ଓ କର୍ମଚାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ବାଲ୍‌ବିକାଶ କେନ୍ଦ୍ର ଶୁଭାରମ୍ଭ

ବାଲେଶ୍ୱର, ୨୬।୭(ମାନସ ବିଶ୍ୱାଳ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ବାଲେଶ୍ୱର ଜିଲ୍ଲା ରେମୁଣା ବାଲଗୋପାଳପୁରସ୍ଥିତ ଇମାମି ପେପର ମିଲ୍‌ସ ପକ୍ଷରୁ ଆଦିବାସୀ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ୪ଟି ବାଲ୍‌ବିକାଶ କେନ୍ଦ୍ର ଶୁଭାରମ୍ଭ ହୋଇଯାଇଛି। ଇମାମୀନଗର ଜଗନ୍ନାଥ ମନ୍ଦିର ଭଜନ ମଣ୍ଡପଠାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଇମାମୀ ପେପର ମିଲ୍ସର ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ମୁଖ୍ୟ ପରିଚାଳକ ଡ ୟୁସୁଫ୍ ଅଲି ସୋଲାଙ୍କି, ମୁଖ୍ୟବକ୍ତା ଭାବେ ଏଜିଏମ୍ ତଥା ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଯୋଗଦେଇ ଆଦିବାସୀ ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ନିମନ୍ତେ ଅଭିଭାଷଣ ପ୍ରଦାନ କରିଥିଲେ। ରେମୁଣାସ୍ଥିତ ନୂଆପାଢ଼ୀଠାରେ ଦୁଇଟି ଓ ରସଲପୁରଠାରେ ଦୁଇଟି ବାଲ୍‌ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଏହି କେନ୍ଦ୍ରରେ ପାଠପଢ଼ାରୁ ନିବୃତ୍ତ ଥିବା ଓ ବିଦ୍ୟାଳୟକୁ ଆସୁ ନ ଥିବା ଆଦିବାସୀ ଛାତ୍ରୀଛାତ୍ରମାନଙ୍କୁ ଅଣାଯାଇ ଶିକ୍ଷା ପ୍ରଦାନ ସାଙ୍ଗକୁ ସେମାନଙ୍କ ନିମନ୍ତେ ବହି, ଖାତା, ବ୍ୟାଗ୍, ଖଡ଼ି, ପେନସିଲ ସମସ୍ତ ପାଠ୍ୟ ଉପକରଣ ଯୋଗାଯିବା ସମେତ ପାଠ ପଢ଼ାଇବାର ବ୍ୟବସ୍ଥା ଇମାମୀ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏହି ବାଲ୍‌ବିକାଶ କେନ୍ଦ୍ରରୁ ଶିକ୍ଷାଲାଭ କରି ଶିକ୍ଷାନୁଷ୍ଠାନରେ ଯୋଗଦେଇ ପରବର୍ତ୍ତୀ ଶିକ୍ଷାଲାଭ କରିପାରିବା ନିମନ୍ତେ ଏହା ଏକ ପ୍ରୟାସ ଜାରି କରାଯାଇଛି। ଏହାର ସମସ୍ତ ଖର୍ଚ୍ଚ ଇମାମୀ ପକ୍ଷରୁ ବହନ କରାଯିବ ବୋଲି ପ୍ରକାଶ କରାଯାଇଛି।

# ବର୍ଷେ ହେଲା ଅବଧି ସରିଲାଣି, ସରୁନି ରାସ୍ତା କାମ

ଜଳେଶ୍ୱର, ୨୬।୭(ନବୀନ ସାହୁ)



ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଜଳେଶ୍ୱର ବ୍ଲକର ହାତୀଗଡ଼ ଛକରୁ ଧାନଘେରା, ଖୁଆଡ଼ରୁ ମହୁଦୁଡୁମା ଯାଏ ରାସ୍ତା ନିର୍ମାଣର ଅବଧି ବର୍ଷେ ତଳୁ ଶେଷ ହୋଇଗଲାଣି, ହେଲା ଏଯାଏ କାମ ଅଧାପନ୍ତରିଆ ରହିଛି। ଫଳରେ ଜଳେଶ୍ୱର ବ୍ଲକର ୫ଟି ପଞ୍ଚାୟତ ସମେତ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଅଞ୍ଚଳର ଲୋକେ ଯାତାୟାତ ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ତୁରନ୍ତ କାମ ଶେଷ ନ ହେଲେ, ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଅଞ୍ଚଳବାସୀ ଅନନ୍ତ ଦାସ, ସୁଜିତ ଦାସ, ସନତ ସାହୁ, ବାଦଲ ସୋରେନ, ମହେନ୍ଦ୍ର ମାରାଣ୍ଡି ପ୍ରମୁଖ ସହିତ ଅନେକ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଦୀର୍ଘଦିନ ହେଲା କାଳିକ ପଞ୍ଚାୟତ ହାତୀଗଡ ଛକରୁ ଧାନଘେରା ଯାଏ ରାସ୍ତା ନିର୍ମାଣ ପାଇଁ ଦାବି ହୋଇଆସୁଥିଲା। ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଖୁଆଡ଼ ଭାୟା ହାତୀଗଡ଼ ପୋଷ୍ଟ ଅଫିସ୍ ଛକ, ଧାନଘେରା, ପୁରୁଣାପାଣି ଓ ବେଗୁନିଆ ଯାଏ ରାସ୍ତା ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ଯାହାର ପ୍ୟାକେଜ ନମ୍ବର ହେଉଛି ଓଆର୍-୦୨-୫୧୦ ପିଏମ୍ ଜିଏସ୍-୩। ଏହି ରାସ୍ତାର ଲମ୍ବ ୭.୧୭୪ କି.ମି. ହୋଇଥିବା ବେଳେ ସେଥିରୁ ୨,୧୨୦ କି.ମି. କଂକ୍ରିଟ୍ ରାସ୍ତା ଓ ୫.୫୪ କି.ମି.ର ପିଚୁ ରାସ୍ତା ନିର୍ମାଣ ପାଇଁ ଧାର୍ଯ୍ୟ ହୋଇଥିଲା। ରାସ୍ତା ନିର୍ମାଣ ସହ ୫ ବର୍ଷ ଯାଏ ଏହାର ରକ୍ଷଣାବେକ୍ଷଣ ପାଇଁ ସରକାରୀ ତହବିଲରୁ ମୋଟ ୪କୋଟି ୨୦ ଲକ୍ଷ ୧୭ ହଜାର ୪୭୦ ଟଙ୍କା ମଞ୍ଜୁର ହୋଇଥିଲା। ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ଡକାଯାଇ ବ୍ଲକ ଅଧୀନ ଶିଖରପୁର ଗ୍ରାମର ଠିକାଦାର ସୁଶାନ୍ତ କୁମାର ଗିରିଙ୍କୁ ରାସ୍ତା ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା। ଚୁକ୍ତି ଅନୁଯାୟୀ ୨୦୨୨ ଅଗଷ୍ଟ ୧ ତାରିଖରେ କାମ ଆରମ୍ଭ ହୋଇ ୨୦୨୩ ଜୁନ୍ ୩୦ ତାରିଖରେ କାମ ଶେଷ ହେବା କଥା। ମାତ୍ର ଏହା ଭିତରେ ବର୍ଷେ ଅତିକ୍ରାନ୍ତ ହୋଇଗଲାଣି ମାତ୍ର ୪୦ପ୍ରତିଶତ କାମ ଶେଷ ହୋଇଛି। କଂକ୍ରିଟ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ପିଚୁ କାମ ଆରମ୍ଭ ହୋଇନି, ଫଳରେ କାଳିକ, ବରଡ଼ିହା, ଖୁଆଡ଼, କଳମା ଓ ଶ୍ୟାମନଗର ଆଦି ପଞ୍ଚାୟତ ସମେତ ପଶ୍ଚିମବଙ୍ଗ ସୀମାରୁ ଅଞ୍ଚଳବାସୀ ଯାତାୟାତ ପାଇଁ ସମସ୍ୟା ଭୋଗୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାସ୍ତା ନିର୍ମାଣ ସମୟରେ ନୂଆ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରାଯିବା, ପିଚୁ କାମ ପୂର୍ବରୁ ମୋରମ୍ ବେସ୍ ବେଳେ କେମିକାଲ୍ ବ୍ୟବହାର ହେବା, ପଶ୍ଚିମବଙ୍ଗ ଅଞ୍ଚଳର ଏକ ସଂସ୍ଥା ଏହି କେମିକାଲ୍ ଯୋଗାଇବାକୁ ସରକାରଙ୍କ ସହ ଚୁକ୍ତିବଦ୍ଧ ହୋଇଛି ଏବଂ କିଛି କେମିକାଲ୍ ଯୋଗାଇ ମଧ୍ୟ ଦେଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ଦେବାଶିଷ ମୁଣ୍ଡାଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଥିଲେ, ପାଗ ଅନୁକୂଳ ହେଲେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ।

# ଏନ୍‌ଏସ୍‌ଏସ୍ ବ୍ୟୁରୋ ପରାମର୍ଶଦାତା କମିଟିର ବୈଠକ

ବାଲେଶ୍ୱର, ୨୬।୭(ମାନସ ବିଶ୍ୱାଳ)



ବୈଠକରେ ଉପସ୍ଥିତ କୁଳପତି ଓ ଅନ୍ୟମାନେ।

ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଅଧୀନ ବିଭିନ୍ନ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟଗୁଡ଼ିକର ଆଲୋଚନା ତଥା ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିରୀକୃତ ନେଇ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଏନଏସଏସ ବ୍ୟୁରୋର ସଂଯୋଜକ ଡ. ଅମୂଲ କୁମାର ଆଚାର୍ଯ୍ୟ ସଞ୍ଚାଳନ କରିଥିଲେ। ବୈଠକରେ ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମୀନା ଦାସ, ବିତ୍ତ ନିୟନ୍ତ୍ରକ କରନ ସୋରେନ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଏନ୍‌ଏସ୍‌ଏସ୍ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ନିର୍ଦ୍ଦେଶକ ସରିତା ପଟେଲ, ରାଜ୍ୟ ନୋଡାଲ ଅଫିସର ତଥା ଡେପୁଟି ସେକ୍ରେଟେରୀ-ଓଡ଼ିଶା ସରକାର ଡ. ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ହୋଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଅଧୀନ ହୋଇଥିବା କାର୍ଯ୍ୟକ୍ରମଗୁଡ଼ିକର ସବିଶେଷ ରିପୋର୍ଟର ତର୍ଜମା କରିଥିଲେ। ପରାମର୍ଶଦାତା କମିଟିର ଅନ୍ୟାନ୍ୟ ସଦସ୍ୟ ଭାବେ ରୋଟାରୀ କ୍ଲବ ଅନ୍‌ସି ବାଲେଶ୍ୱର, ବାଲେଶ୍ୱର ଡିପିଓ ଗୌରାଙ୍ଗ ପଣ୍ଡା, ଭଦ୍ରକ ଡିପିଓ କମଳାକାନ୍ତ ଓଝା, ଫକୀରମୋହନ ମେଡିକାଲ କଲେଜ ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ, ବାଲେଶ୍ୱର ଚାଇଲ୍ଡ ଲାଇନ କାର୍ଯ୍ୟାଳୟର ମୁଖ୍ୟ, କିଟ୍ ବିଶ୍ୱବିଦ୍ୟାଳୟର ଡ. ସ୍ମୃତିରଞ୍ଜନ ଦାସ, ଭାରତ ସରକାରଙ୍କ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ବାଲେଶ୍ୱର କ୍ଷେତ୍ର କାର୍ଯ୍ୟାଳୟର କ୍ଷେତ୍ର ପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରା, ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରିନ୍ସିପାଲ, ତିହିଡି ମହାବିଦ୍ୟାଳୟର ପ୍ରିନ୍ସିପାଲ, ନୀଳଗିରି ମହିଳା ମହାବିଦ୍ୟାଳୟ ଏନଏସଏସ ପ୍ରୋଗ୍ରାମ ଅଫିସର ମୌସୁମୀ ଭୋଳ, ଫକୀରମୋହନ ବିଶ୍ୱବିଦ୍ୟାଳୟ ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ଜଗନ୍ନାଥ ବେହେରା ଓ ଡ. ପ୍ରତିମା ପ୍ରଧାନଙ୍କ ସହ ଛାତ୍ର ପ୍ରତିନିଧି ଭାବେ ବିଶ୍ୱବିଦ୍ୟାଳୟ ସମାଜସେବା ବିଭାଗର ଛାତ୍ର ସ୍ଲୋଗାନ ବାରିକ ଓ ଛାତ୍ରୀ ସୁନୀତା ପାତ୍ର ଯୋଗଦେଇ ବିଭିନ୍ନ ମତାମତ ପ୍ରଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ହାତକୁ ନିଆଯାଇଥିବା ଉନ୍ନତିମୂଳକ କାର୍ଯ୍ୟକ୍ରମଗୁଡ଼ିକର ବ୍ୟବସ୍ଥିତ ଧାରା ସ୍ଥାପନ, ଗୋଷ୍ଠୀମାନଙ୍କୁ ଅଧିକ ଅନ୍ତର୍ଭୁକ୍ତ, ଚାରାରୋପଣ, ସ୍ୱେଚ୍ଛାସେବୀଙ୍କ ତାଲିମକୁ ତ୍ୱରାନ୍ୱିତ, ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଯତ୍ନ ଓ ଅଧିକାର ସମ୍ବନ୍ଧିତ ସଚେତନତା କାର୍ଯ୍ୟକ୍ରମ, ବିଶ୍ୱବିଦ୍ୟାଳୟ ଦ୍ୱାରା ଜାରି ରହିଥିବା 'ବଜ୍ରପାତଜନିତ କ୍ଷତିରୁ ସୁରକ୍ଷିତ ରହିବାର ପ୍ରଣାଳୀ' ସମ୍ବନ୍ଧିତ ପ୍ରତ୍ୟେକ କାର୍ଯ୍ୟକ୍ରମ, ସମସ୍ତ ମହାବିଦ୍ୟାଳୟରେ ଏନଏସଏସ ୟୁନିଟ ସ୍ଥାପନ, ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ଶିଶୁଙ୍କୁ ପୁନର୍ବାର ସ୍କୁଲ ପହଞ୍ଚାଇବାର ପ୍ରୟାସ, ବାଲ୍ୟବିବାହ, ଶିଶୁ ଶ୍ରମିକ ଆଦି ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗରେ ଜନସଚେତନତା କାର୍ଯ୍ୟକ୍ରମ ସହ ଆଗାମୀବର୍ଷ ନିମନ୍ତେ ଆବଶ୍ୟକ ବଜେଟ ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସାମାଜିକ ପ୍ରସାର ବଢ଼ାଇ ଜନସମ୍ପର୍କକୁ ପ୍ରଭାବଯୁକ୍ତ କରିବାର ଲକ୍ଷ୍ୟ ରଖିବାକୁ କୁଳପତି ପ୍ରଫେସର ତ୍ରିପାଠୀ ମତବ୍ୟକ୍ତ କରିଥିଲେ।

